## ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ବେତନଟୀ, ୧୪।୫(ସମିସ):** ତାମିଲନାଡୁକୁ ରୋଜଗାର କରିବାକୁ ଯାଇ ଶେଷରେ ଶବ ହୋଇ ଫେରିଲେ ଜଣେ ଓଡିଆ ଯୁବକ। ବୁଧବାର ଯୁବକଙ୍କ ମୃତଦେହ ଗାଁରେ ପହଞ୍ଚିବାପରେ କାନ୍ଦ ବୋବାଳିରେ ଗାଁ ଦାଣ୍ଡ ଫାଟିପଡୁଛି। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ବେତନଟୀ ବ୍ଲକ ଦହିକୋଟୀ ପଞ୍ଚାୟତ ଅଧୀନ ସାରିଆ ଗ୍ରାମରେ। ଗ୍ରାମର ହରିଶ୍ଚନ୍ଦ୍ର ପାତ୍ରଙ୍କ ଏକମାତ୍ର ପୁଅ ଶିବୁ ପାତ୍ର (୨୨) ରୋଜଗାର ନିମନ୍ତେ ପଣ୍ଡୁଚେରୀସ୍ଥିତ ଗ୍ରାଣ୍ଡ ଟେକ୍ କମ୍ପାନୀରେ ଶ୍ରମିକ ଭାବରେ କାମ କରୁଥିଲେ। ଗତ ୨୦୨୩ ମସିହା ବିଶ୍ୱକର୍ମା ପୂଜା ସମୟରେ ଗାଁକୁ ଆସିଥିବା ବେଳେ ପରେ ପଣ୍ଡିଚେରୀ ପ୍ରତ୍ୟାବର୍ତ୍ତନ କରିଥିଲେ। ସେଠାରେ ଶିବୁଙ୍କ ସହିତ ସାରିଆ ଗ୍ରାମର କିଛି ଯୁବକ ମଧ୍ୟ କାମ କରୁଥିଲେ। ହେଲେ ସେ କାମ କରୁଥିବାବେଳେ ଜ୍ୱରରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। ତେବେ ସ୍ୱାସ୍ଥ୍ୟବସ୍ଥାରେ ଅବନତି ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ରବିବାର ତାଙ୍କର ମୃତ୍ୟୁ ଘଟିଛି।

## ୧୬ରୁ କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ପୋଷ୍ଟାଲ ବାଲଟ ମତଦାନ

# ରାଜନୈତିକ ଦଳ ସହ ପ୍ରଶାସନିକ ବୈଠକ

**ବାରିପଦା, ୧୪।୫(ସମିସ)**

ଆଜିଠାରୁ କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ପୋଷ୍ଟାଲ ବାଲଟ ମତଦାନ ହେବ। ଅନ୍ୟତ୍ର କର୍ମକ୍ଷେତ୍ରରେ ନିୟୋଜିତ ଭୋଟରଙ୍କ ପାଇଁ ଚଳିତ ନିର୍ବାଚନରେ ମତଦାନ ସାବ୍ୟସ୍ତ କରିବା ପାଇଁ ପୋଷ୍ଟାଲ ବାଲଟ ବ୍ୟବସ୍ଥା କରାଯାଇଛି। ଏଣୁ ୨୦୨୪ ସାଧାରଣ ନିର୍ବାଚନର ଏହି ଗୁରୁତ୍ୱପୂର୍ଣ୍ଣ ଅଂଶକୁ ମୟୂରଭଞ୍ଜ ଜିଲ୍ଲାରେ ସୁଚାରୁ ରୂପେ ସମ୍ପାଦନା କରିବା ପାଇଁ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ କାର୍ଯ୍ୟରତ ଥିବା ସମସ୍ତ ଜାତୀୟ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର କହିଲେ ଯେ, ଏହି ପୋଷ୍ଟାଲ ବାଲଟ ଭୋଟିଂ ବ୍ୟବସ୍ଥା ପ୍ରତ୍ୟେକ ମତଦାତାଙ୍କୁ ଦାୟିତ୍ୱର ସହିତ ଏବଂ ଏହି ଦାୟିତ୍ୱକୁ ସମସ୍ତ ରାଜନୈତିକ ଦଳ କର୍ତ୍ତବ୍ୟନିଷ୍ଠତା ସହିତ ଅନୁଧ୍ୟାନ କରିବାକୁ ହେବ। ସୂଚନା ଥାଉକି, ଏହି ପୋଷ୍ଟାଲ ବାଲଟ ଭୋଟିଂ ବ୍ୟବସ୍ଥାରେ କରଞ୍ଜିଆ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରଥମ ରାଉଣ୍ଡ ହୋମ ଭୋଟିଂ ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ (ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ) ହେବାକୁ ଥିବାବେଳେ ଜିଲ୍ଲାର ଅନ୍ୟ ୮ଟି ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୦ରୁ ୨୧ ତାରିଖ ପର୍ଯ୍ୟନ୍ତ (ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ) ହେବା ପାଇଁ ନିର୍ଦ୍ଧାରିତ ହୋଇଛି। ଦ୍ୱିତୀୟ ରାଉଣ୍ଡ ହୋମ ଭୋଟିଂ କରଞ୍ଜିଆ ନିର୍ବାଚନ ମଣ୍ଡଳୀ ପାଇଁ ଆସନ୍ତା ୧୯ ତାରିଖ ଏବଂ ଅନ୍ୟ ୮ଟି ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୪ ତାରିଖରେ (ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ) ହେବ। ସୂଚନା ଥାଉକି କରଞ୍ଜିଆ ନିର୍ବାଚନ ମଣ୍ଡଳୀ ପାଇଁ ପୋଷ୍ଟାଲ ବାଲଟ ସେଣ୍ଟରଠାରେ ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ୨୧ ତାରିଖରେ ଶେଷ ହେବ। (ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ) ଏହାକୁ ସ୍ଥିରୀକୃତ ହୋଇଥିବା ବେଳେ ଅନ୍ୟ ୮ଟି ନିର୍ବାଚନ



ମଣ୍ଡଳୀରେ ଆସନ୍ତା ୨୬ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ (ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ) ପର୍ଯ୍ୟନ୍ତ ଚାଲିବ। ସେହିପରି କରଞ୍ଜିଆରେ ପ୍ରଶିକ୍ଷଣ ସ୍ଥାନରେ ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ୨୧ ତାରିଖରେ ଶେଷ ହେବାକୁ ଥିବା ବେଳେ ଅନ୍ୟ ୮ଟି ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୫ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖ (ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ) ସମସ୍ତ ରିଟର୍ଣ୍ଣିଂ ଅଧିକାରୀଙ୍କ ପ୍ରକୋଷ୍ଠରେ ଚାଲିବ। କରଞ୍ଜିଆରେ ଆସନ୍ତା ୨୨ରୁ ଆରମ୍ଭ ହୋଇ ୨୪ ତାରିଖରେ ଶେଷ ହେବାକୁ ଥିବାବେଳେ ଅନ୍ୟ ୮ଟି ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୯ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖ (ସକାଳ ୭ଟା ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ) ପର୍ଯ୍ୟନ୍ତ ଚାଲିବ। ବିଶେଷ କରି ଏହି ପୋଷ୍ଟାଲ ବାଲଟ ଭୋଟିଂ ଜିଲ୍ଲାର ସମସ୍ତ ୫ଟି ପୁଲିସ ଉପଖଣ୍ଡରେ କରଞ୍ଜିଆ ପାଇଁ ଆସନ୍ତା ୨୨ ତାରିଖରେ ହେବାକୁ ଥିବା ବେଳେ ଅନ୍ୟ ୮ଟି ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୯ ତାରିଖ ଦିନ ହେବାର ବ୍ୟବସ୍ଥା କରାଯିବା ସହିତ ବିଶେଷ କରି କେଉଁ ବର୍ଗର ମତଦାତାଙ୍କ ପାଇଁ ଏହା ଜରୁରୀ ସେ ନେଇ ସୂଚନା ଦେଇଥିଲେ। ପ୍ରଥମ ବର୍ଗ ଯେଉଁମାନେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଛନ୍ତି ଯଥା ପୋଲିଂ କର୍ମଚାରୀ, ପୁଲିସ କର୍ମଚାରୀ ଓ ଗାଡିଚାଳକ ଇତ୍ୟାଦି ଦ୍ୱିତୀୟରେ ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ଅତ୍ୟାବଶ୍ୟକ ସେବା ପ୍ରଦାନ କରୁଥିବା ବ୍ୟକ୍ତି ଯଥା ସାମ୍ବାଦିକ, ଡାକ୍ତର, ନର୍ସ, ଆମ୍ବୁଲାଏନ୍ସ ଏବଂ ଅଗ୍ନିଶମ ସେବା କର୍ମଚାରୀ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଅବଗତ କରିଥିଲେ। ଏହାବ୍ୟତୀତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ୮୦ ବର୍ଷ ବୟସରୁ ଅଧିକ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ବ୍ୟକ୍ତି ଯେଉଁମାନେ ମତଦାନ କେନ୍ଦ୍ରକୁ ଆସିବା ପାଇଁ ଅସୁବିଧା ଅନୁଭବ କରୁଛନ୍ତି ସେମାନଙ୍କ ପାଇଁ ମଧ୍ୟ ହୋମ ଭୋଟିଂର ବ୍ୟବସ୍ଥା କରାଯାଇଛି ବୋଲି ପ୍ରକାଶ କରିଥିଲେ। ପ୍ରକାଶ ଥାଉକି, ଏହି ପୋଷ୍ଟାଲ ବାଲଟ ଭୋଟିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ (ସର୍ବନିମ୍ନ ୪୦%) ଦିବ୍ୟାଙ୍ଗ ବ୍ୟକ୍ତି, ସମସ୍ତ ଚାକିରିଆ ବ୍ୟକ୍ତି ଏବଂ ୮୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଯେଉଁମାନେ ଚାଲିବୁଲି ପାରୁ ନଥିବେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ହୋମ ଭୋଟିଂ ପ୍ରକ୍ରିୟାରେ ପୋଲିଂ ଅଫିସର ସହ ମାଇକ୍ରୋ ପର୍ଯ୍ୟବେକ୍ଷକ ଓ ଭିଡିଓଗ୍ରାଫର ନିୟୋଜିତ ହେବେ। ତେଣୁ ହୋମ ଭୋଟିଂ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତ୍ୟେକ ପ୍ରାର୍ଥୀ ନିଜ ନିଜର ପ୍ରାଧିକୃତ ଏଜେଣ୍ଟ ନିଯୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ। ପୋଷ୍ଟାଲ ବାଲଟ ଏବଂ ହୋମ ଭୋଟିଂର ମତଦାତାଙ୍କୁ ବିଏଲଓ ସ୍ତରରେ ପୂର୍ବରୁ ସୂଚିତ କରାଯିବାର ବ୍ୟବସ୍ଥା ମଧ୍ୟ ହୋଇଛି। ତେଣୁ ଗଣତନ୍ତ୍ରର ଏହି ମହାନ ପର୍ବରେ ସମସ୍ତଙ୍କୁ ସାମିଲ କରାଇ ଏହି ପୋଷ୍ଟାଲ ବାଲଟ ଓ ହୋମ ଭୋଟିଂ ପ୍ରକ୍ରିୟାର ସମ୍ପାଦନ ପାଇଁ ଉପସ୍ଥିତ ରାଜନୈତିକ ଦଳର ପ୍ରାର୍ଥୀ ଓ ପ୍ରତିନିଧି ମାନଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ଉପସ୍ଥିତ ଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଓ ପ୍ରତିନିଧି ମଧ୍ୟ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଆଜି ଯାଞ୍ଚ; ୧୭ରେ ପ୍ରତ୍ୟାହାର ପରେ ଚୂଡ଼ାନ୍ତ ତାଲିକା

**ବାରିପଦା, ୧୪।୫(ସମିସ)**

ଶେଷ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଜୁନ ୧ତାରିଖରେ ଅନୁଷ୍ଠିତ ହେବ। ମୟୂରଭଞ୍ଜ ଲୋକସଭା ଏବଂ ଏହା ଅଧୀନ ବାରିପଦା, ମୋରଡା, ବାଙ୍ଗିରିପୋଷି, ସାରସକଣା, ରାଇରଙ୍ଗପୁର ଓ ଯଶିପୁର ବିଧାନସଭା ସମେତ ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜୁନ ୧ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ନାମାନଙ୍କ ପତ୍ର ଦାଖଲ କରିଛନ୍ତି। ଗତ ୭ ତାରିଖରୁ ଆରମ୍ଭ ହୋଇ ଆଜି ମଙ୍ଗଳବାର ୧୪ତାରିଖରେ ନାମାନଙ୍କ ପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ୧୧ ଓ ୧୨ ତାରିଖ ସରକାରୀ ଛୁଟିଦିବସକୁ ବାଦ ଦେଲେ ବାକି ୫ଦିନରେ ଲୋକସଭା ଓ ୮ଟି ବିଧାନସଭା ପାଇଁ ପ୍ରାର୍ଥୀମାନେ ନାମାନଙ୍କ ପତ୍ର ଦାଖଲ କରିଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ହସ୍ତଗତ ସୂଚନା ଅନୁଯାୟୀ ମୟୂରଭଞ୍ଜ (ଏସଟି) ସଂସଦୀୟ ନିର୍ବାଚନ କ୍ଷେତ୍ର ପାଇଁ ବିଜେଡିରୁ ସୁଦାମ ମାର୍ଣ୍ଡି, ବିଜେପିରୁ ନବଚରଣ ମାଝୀ, ଜେଏମଏମରୁ ଅଞ୍ଜନୀ ସୋରେନ, ଭଞ୍ଜସେନା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ବାଜୁନ ହାଁସଦା, ବହୁଜନ ସମାଜବାଦୀ ପାର୍ଟିର ଜଟିଆ ସାୱୟାନ, ଭାରତୀୟ ଯବାନ କିଶାନ ପାର୍ଟିର ଗୁରୁଚରଣ ହେମ୍ବ୍ରମ, ଆଜସୁର ଅନନ୍ତ ଆଲୋକ ବାସ୍କେ, ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟିର ସୁକାନ୍ତ ହେମ୍ବ୍ରମ, ଏସୟୁସିଆଇ(ସି)ର ପୀତାମ୍ବର ନାଏକ, ସ୍ୱାଧୀନ ଭାବେ କାହ୍ନୁଚରଣ ଟୁଡୁ, ଅନନ୍ତ ମାରାଣ୍ଡି, ଶାନ୍ତିଲତା ଚାଟର, ଅଶୋକ କୁମାର ସିଂ, ରବୀନ୍ଦ୍ର ନାଥ ସିଂ ପ୍ରମୁଖ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଧଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଯଶିପୁର (ସଂ) ବିଧାନସଭା ନିର୍ବାଚନ ମଣ୍ଡଳୀ ଆସନ ପାଇଁ ବିଜେଡି ପକ୍ଷରୁ ଚକ୍ରଧର ହେମ୍ବ୍ରମ, ବିଜେପିର ଗଣେଶ ରାମ ସିଂ ଖୁଣ୍ଟିଆ, କଂଗ୍ରେସର ଶ୍ୱେତା ଛତର, ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ନାଏକ, ଯୋଗେନ୍ଦ୍ର ନାଥ ପୂର୍ତ୍ତି, ନୀଳାମ୍ବର ନାଏକ, ମଇନା ବେଶ୍ରା, କ୍ୟାପଟେନ ଦେବାନନ୍ଦ ପିଙ୍ଗୁଆ, ନବକିଶୋର ଟୁଡୁ ପ୍ରମୁଖ ୯ଜଣ କରଞ୍ଜିଆ ଉପ ଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସାରସକଣା(ସଂ) ବିଧାନସଭା ନିର୍ବାଚନ ମଣ୍ଡଳୀ ଆସନ ପାଇଁ ବିଜେଡି ପକ୍ଷରୁ ଦେବାଶିଷ ମାରାଣ୍ଡି, ବିଜେପି ପକ୍ଷରୁ ଭାଦବ ହାଁସଦାଃ, କଂଗ୍ରେସର ରାମ କୁମାର ସୋରେନ, ଜେଏମଏମର ଅଞ୍ଜନୀ ସୋରେନ, ସ୍ୱାଧୀନ ପ୍ରାର୍ଥୀ ସତ୍ୟବ୍ରତ ନାଏକ, ମଧୁସୂଦନ ନାଏକ, ଶଙ୍କର ନାଏକ, ଚେକର ମାହାଲି, ରାମ କୁମାର ସୋରେନ, ସାମାୟ ମୁର୍ମୁ ଓ ସୋମନାଥ ମାଝୀ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ରାଇରଙ୍ଗପୁର(ସଂ) ବିଧାନସଭା ନିର୍ବାଚନ ମଣ୍ଡଳୀ ଆସନ ପାଇଁ ବିଜେଡି ପକ୍ଷରୁ ରାଇସେନ ମୁର୍ମୁ, ବିଜେପିର ଜଲାନ ବାଦ୍ରା, କଂଗ୍ରେସର ଯୋଗେନ୍ଦ୍ର ବନରା, ଜେଏମଏମର ସୁନାରାମ ଟୁଡୁ, ସ୍ୱାଧୀନ ଭାବେ ଅନନ୍ତ ଆଲୋକ ବାସ୍କେ, ଯଶୋଦା ମାର୍ଣ୍ଡି, ମିନତୀ ହାଁସଦାଃ ରାଇରଙ୍ଗପୁର ଉପ ଜିଲ୍ଲାପାଳ ସରୋଜ କୁମାର ଦାଶଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବାଙ୍ଗିରିପୋଷି (ସଂ) ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ରଞ୍ଜିତା ମାର୍ଣ୍ଡି, ବିଜେପି ପ୍ରାର୍ଥୀ ସଞ୍ଜଲୀ ମୁର୍ମୁ, କଂଗ୍ରେସର ପ୍ରାର୍ଥୀ ମୁରଲୀଧର ନାଏକ, ଜେଏମଏମ ପ୍ରାର୍ଥୀ ବିଷ୍ଣୁ ସିଂ, ଆଜସୁର ମନୋରଞ୍ଜନ ହେମ୍ବ୍ରମ ଓ ସ୍ୱାଧୀନ ପ୍ରାର୍ଥୀ ସିଂରାୟ ମାର୍ଣ୍ଡି, ଭରତ ଚନ୍ଦ୍ର ସିଂ, ଗୌରି ନାଏକ, ରଞ୍ଜନ ନାଏକ, ଶ୍ୟାମ ଏସ ସୋରେନ, ରଞ୍ଜିତା ହେମ୍ବ୍ରମ, କାହ୍ନୁଚରଣ ସିଂ, ରାମଚନ୍ଦ୍ର ହାଁସଦା, ଶବରାନ ସିଂ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଉଦଳା(ସଂ) ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିର ଶ୍ରୀନାଥ ସୋରେନ, ବିଜେପିର ଭାସ୍କର ମଢେଇ, କଂଗ୍ରେସର ଦୁର୍ଗାଚରଣ ଟୁଡୁ, ଜେଏମଏମ ପ୍ରାର୍ଥୀ ଚକ୍ରଧର ସିଂ, ଆଜସୁ ପ୍ରାର୍ଥୀ ମଦନମୋହନ ମାଝୀ, ସ୍ୱାଧୀନ ପ୍ରାର୍ଥୀ ମନୋରଞ୍ଜନ ମଲ୍ଲିକ, ରବୀନ୍ଦ୍ର ଟୁଡୁ, ବେଣୁଧର ମହାପାତ୍ର, ମିନାକ୍ଷୀ ମୁର୍ମୁ, ରାଇମଣୀ ବିଶ୍ୱାଳ, କଲ୍ଲୋଳ ସିଂ, ବିଶ୍ୱନାଥ ମାରାଣ୍ଡି, ରାଜକିଶୋର ମାରାଣ୍ଡି, ମାୟା ଟୁଡୁ ପ୍ରମୁଖ ନାମାଙ୍କନ ପତ୍ର ଉଦଳା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ନିକଟରେ ଦାଖଲ କରିଛନ୍ତି। ବାରିପଦା (ସଂ) ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିର ସାନନ୍ଦ ମାର୍ଣ୍ଡି, ବିଜେପିର ପ୍ରକାଶ ସୋରେନ, କଂଗ୍ରେସର ପ୍ରମୋଦ ହେମ୍ବ୍ରମ, ବହୁଜନ ସମାଜବାଦୀ ପାର୍ଟିରୁ ଗୁରୁଚରଣ ମାରାଣ୍ଡି, ଆଜସୁରୁ ପଦ୍ମଲୋଚନ ସିଂ, ସ୍ୱାଧୀନ ଭାବେ ଦୁର୍ଗାଚରଣ ସିଂ, ସାଲମା ମାହାଲି, ନାନାରାମ ମୁର୍ମୁ, ଦୁଲାରାମ ମୁର୍ମୁ, ରୁହ୍ୟା ସିଂ, ସଞ୍ଜୟ କୁମାର ବିନ୍ଧାଣୀ ପ୍ରମୁଖ ବାରିପଦା ଉପ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୋରଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଆସନ ପାଇଁ ବିଜେଡିର ପ୍ରାର୍ଥୀ ପ୍ରୀତିନନ୍ଦା କାନୁନଗୋ, ବିଜେପି ପାର୍ଥୀ କୃଷ୍ଣଚନ୍ଦ୍ର ମହାପାତ୍ର, କଂଗ୍ରେସ ପକ୍ଷରୁ ପ୍ରଭାସ କର ମହାପାତ୍ର, ଜେଏମଏମ ପକ୍ଷରୁ କୃଷ୍ଣଚନ୍ଦ୍ର ଦାସ, ଭଞ୍ଜସେନା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ସଞ୍ଜୀବ କୁମାର ରାଉତ, ଆପର ଶଙ୍କର୍ଷଣ ମିଶ୍ର, ଆଜସୁର ଯୋଗେନ୍ଦ୍ର ନାଥ ମହାନ୍ତ, ଭାରତ ଆଦିବାସୀ ପାର୍ଟିର ବିଶ୍ୱବିଜୟୀ ପଣ୍ଡା, ସ୍ୱାଧୀନ ପ୍ରାର୍ଥୀ କମଳେନ୍ଦୁ ମହାନ୍ତ, ମୋଦନ ମୋହନ ମୁର୍ମୁ, ମୃତ୍ୟୁଞ୍ଜୟ ବେହେରା, ରାକେଶ କୁମାର ସିଂ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବଡ଼ସାହି (ସଂ) ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିର ପ୍ରାର୍ଥୀ ଅନସୂୟା ପାତ୍ର, ବିଜେପିର ପ୍ରାର୍ଥୀ ସନାତନ ବିଜୁଳି, କଂଗ୍ରେସର କ୍ଷୀରୋଦ ଚନ୍ଦ୍ର ପାତ୍ର, ସ୍ୱାଧୀନ ପ୍ରାର୍ଥୀ ମାନସ ରଞ୍ଜନ ବେହେରା, ଅଞ୍ଜନା ବେହେରା ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସୂଚନାଯୋଗ୍ୟ ଯେ, ୧୫ରେ ଯାଞ୍ଚ, ୧୭ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ସହିତ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ମେ ୨୯ ତାରିଖ ପର୍ଯ୍ୟନ୍ତ ପ୍ରଚାର ସମୟ ଥିବା ବେଳେ ଜୁନ ୧ରେ ନିର୍ବାଚନ ଓ ୪ରେ ଭୋଟଗଣତି ସହ ଫଳାଫଳ ଘୋଷଣା ହେବ।

**ଶେଷହେଲା ନାମାଙ୍କନପତ୍ର ଦାଖଲ**

## ୨୪ରେ ମୟୂରଭଞ୍ଜ ଆସୁଛନ୍ତି ମୁଖ୍ୟମନ୍ତ୍ରୀ

## ୨୧ରୁ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନ ମଣ୍ଡଳୀ ୱାରୀ ପ୍ରଚାର

**ବାରିପଦା, ୧୪।୫(ସମିସ):** ଆଗାମୀ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ସମ୍ପନ୍ନ ହେବା ପରେ ମୟୂରଭଞ୍ଜ ଜିଲ୍ଲାରେ ପ୍ରଚାର ଜୋରଦାର ଆରମ୍ଭ ହୋଇଛି। ଜିଲ୍ଲାରେ ବିଜେଡି ପ୍ରଚାରରେ ସବୁଠୁ ଆଗୁଆ ରହିଥିବା ବେଳେ ଆଗକୁ ପ୍ରଚାର ମଇଦାନ ଜମିବାକୁ ଯାଉଛି। ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀମାନଙ୍କ ପ୍ରଚାର ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୪ ତାରିଖରେ ଜିଲ୍ଲା ଗସ୍ତରେ ଆସୁଛନ୍ତି। ଏଥିସହିତ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ମୟୂରଭଞ୍ଜ ଜିଲ୍ଲାର ୭ଟି ନିର୍ବାଚନ ମଣ୍ଡଳୀ ୱାରୀ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୪ତାରିଖ ଦିନିକିଆ ଜିଲ୍ଲା ଗସ୍ତରେ ଆସି ରାଇରଙ୍ଗପୁର ଓ ବାରିପଦାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ରାଇରଙ୍ଗପୁର ସ୍ଥିତ କଚେରୀ ପଡ଼ିଆରେ ସକାଳ ୧୦.୩୦ ଏବଂ ବାରିପଦା ସ୍ଥିତ ଛଉ ପଡ଼ିଆରେ ୧୧.୩୦ରେ ଆୟୋଜିତ ଦଳୀୟ ସମାବେଶରେ ଉପସ୍ଥିତ ରହି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରିବେ। ସେହିପରି ବରିଷ୍ଠ ବିଜେଡି ନେତା ଶ୍ରୀ ପାଣ୍ଡିଆନ ୨୧ତାରିଖରେ କରଞ୍ଜିଆରେ ଦିନ ୧୦.୩୦, ୨୮ ତାରିଖରେ ବଡ଼ସାହି ଠାରେ ୯.୩୦, ୨୯ ତାରିଖରେ ଯଶିପୁରଠାରେ ୯.୩୦, ସାରସକଣାରେ ୧୦.୩୦, ବାଙ୍ଗିରିପୋଷିଠାରେ ୧୧.୩୦, ମୋରଡ଼ାରେ ୩.୩୦ ଏବଂ ଉଦଳାରେ ୪.୩୦ରେ ଆୟୋଜିତ ସମାବେଶରେ ବିଜେଡି ସାଂସଦ ଓ ସ୍ଥାନୀୟ ବିଧାୟକ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କ ନିମନ୍ତେ ଜନସାଧାରଣଙ୍କ ବିପୁଳ ପରିମାଣରେ ସମର୍ଥନ ପାଇଁ ସେ ନିବେଦନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

## ହଜାରେ ଲିଟର ପେଟ୍ରୋଲ ଜବତ; ୨ ଗିରଫ

**ବେତନଟୀ, ୧୪।୫(ସମିସ):** ବୁଧବାର ଅପରାହ୍ନରେ ବେତନଟୀ ପୁଲିସକୁ ଏକ ବଡଧରଣର ସଫଳତା ମିଳିଛି। ପଶ୍ଚିମବଙ୍ଗରୁ ବାଲେଶ୍ୱରକୁ ବେଆଇନ ଭାବରେ ଚାଲାଣ ହେଉଥିବା ୧ ହଜାର ଲିଟର ଚୋରା ପେଟ୍ରୋଲ ଏବଂ ପିକଅପଭ୍ୟାନ ଜବତ ସମେତ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅଧୀନ ଅଦାପାଳ ଗ୍ରାମର ମୃତ୍ୟୁଞ୍ଜୟ ପାତ୍ରଙ୍କ ପୁଅ ଶକ୍ତିପଦ (୪୮) ଏବଂ ଚାନ୍ଦୁଆ ଥାନା ଅଧୀନ ତିତିରି ଗ୍ରାମର ଗୌର ବେହେରାଙ୍କ ପୁଅ ସିପୁନ ବେହେରା (୨୮)। ସୂଚନା ମୁତାବକ, ପଶ୍ଚିମବଙ୍ଗରୁ ବାଲେଶ୍ୱର ଜିଲ୍ଲାକୁ ଚୋରା ପେଟ୍ରୋଲ ଚାଲାଣ ହେଉଥିବା ଖବରପାଇ ବେତନଟୀ ପୁଲିସ ମଙ୍ଗଳବାର ଅପରାହ୍ନରେ ଗାଡିକୁ ପିଛା କରିଥିଲା। ଗାଡିକୁ ୧୮ ନଂ ଜାତୀୟରାଜପଥ ଧନପୁର ନିକଟରେ ଧରିବାରେ ଆଇଆଇସି ସସ୍ମିତା ମହାନ୍ତ ସଫଳ ହୋଇଥିଲେ। ପରେ ଗାଡିରୁ ୫ଟି ବଡବଡ ପ୍ଲାଷ୍ଟିକ ବ୍ୟାରେଲରେ ଚୋରା ପେଟ୍ରୋଲ ଜବତ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ପୁଲିସ ପରିଚୟ ଦେଇ ଫେରିବାଲାକୁ ଆକ୍ରମଣ

**ମୋରଡ଼ା, ୧୪।୫(ସମିସ):** ମୋରଡ଼ା ଥାନା ଅଧୀନ ଶୀର୍ଷାପାଳ ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଫେରିବାଲାକୁ ପୁଲିସ ପରିଚୟ ଦେଇ ଜଣେ ଯୁବକ ନିସ୍ଥୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀ ଜଣକ ହେଲେ ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ଜିଲ୍ଲା କୋଲାଘାଟ ଥାନା ଅଧୀନ ସେକ ଫାରୁକ ଅଲ୍ଲିଙ୍କ ପୁଅ ସେକ ଫାରୁକ ଇସଲାମ। ସେ ଦୀର୍ଘ ୧୨ ବର୍ଷ ହେବ ମୋରଡ଼ା ଅଞ୍ଚଳରେ ଫେରିବାଲା କାମ କରିଆସୁଛି। ଆଜି ସନ୍ଧ୍ୟାରେ ସେ ଶୀର୍ଷାପାଳ ଛକ ନିକଟରେ ବେପାର କରୁଥିବା ସମୟରେ ଜଣେ ଅଜଣା ଯୁବକ ହଠାତ ଆକ୍ରମଣ କରିଥିଲା; ହେଲେ ଅଞ୍ଚଳବାସୀ ହସ୍ତକ୍ଷେପ କରୁଥିବାବେଳେ କମଳେନ୍ଦୁଲାଲ ମହାନ୍ତ ନାମକ ଜଣେ ବ୍ୟକ୍ତି ତାଙ୍କୁ ଖସାଇ ନେଇ ପଳାଇଥିଲେ। ସେ ବଜରଙ୍ଗ ସେନାର ପିଲା ବୋଲି ଶ୍ରୀ ମହାନ୍ତ ପ୍ରକାଶ କରିଛନ୍ତି।

# ସିବିଏସ୍ଇ ପରୀକ୍ଷାରେ ବିଭିନ୍ନ ସ୍କୁଲର ସଫଳତା













### ଶ୍ରୀସତ୍ୟସାଇ ବିଦ୍ୟାବିହାର

**ବାରିପଦା, ୧୪।୫(ସମିସ):** ଚଳିତବର୍ଷ ସିବିଏସଇ ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଶ୍ରୀସତ୍ୟସାଇ ବିଦ୍ୟାବିହାରର ଛାତ୍ରଛାତ୍ରୀମାନେ ଅପୂର୍ବ ସଫଳତା ହାସଲ କରିଛନ୍ତି। ଦଶମ ପରୀକ୍ଷାରେ ବିଦ୍ୟାଳୟର ପ୍ରିୟଙ୍କା ଘୋଷ ୯୬.୬ ପ୍ରତିଶତ, ଆଦ୍ୟାଶ ପ୍ରିୟଦର୍ଶିନୀ ୯୬.୨% ଓ ଭୂମିକା ମଣ୍ଡଳ ୯୪.୮% ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ମୋଟ ୮୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଉତ୍ତୀର୍ଣ୍ଣ ୭୫ ଜଣଙ୍କ ମଧ୍ୟରେ ୯୦ ଶତାଂଶରୁ ଅଧିକ ୧୨ ଜଣ, ୮୦%ରୁ ଅଧିକ ୧୫ ଜଣ, ୬୦ ପ୍ରତିଶତରୁ ଅଧିକ ୩୧ ଜଣ ଓ ୬୦ ଶତାଂଶରୁ କମ୍ ୧୬ଜଣ ନମ୍ବର ରଖିଛନ୍ତି ଏବଂ ୬ ଜଣ କମ୍ପାର୍ଟମେଣ୍ଟାଲ ପାଇଛନ୍ତି। ସେହିପରି ଦ୍ୱାଦଶ ପରୀକ୍ଷାରେ ଋଷିରାଜ ଦଣ୍ଡପାଟ ୯୧.୬%, ବର୍ଷା ଅଗରୱାଲା ୮୯% ଓ ମନୋଜ କୁମାର ବେହେରା ୮୮ % ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ମୋଟ ପରୀକ୍ଷାର୍ଥୀ ୭୬ଜଣଙ୍କ ମଧ୍ୟରୁ ଉତ୍ତୀର୍ଣ୍ଣ ୬୬ ଜଣଙ୍କ ମଧ୍ୟରେ ୯୦ ପ୍ରତିଶତରୁ ଅଧିକ ଜଣେ ୮୦%ରୁ ଅଧିକ ୧୧ ଜଣ, ୬୦%ରୁ ଅଧିକ ୨୯ଜଣ ଓ ୬୦ ଶତାଂଶରୁ କମ୍ ୨୫ ଜଣ ନମ୍ବର ରଖିଛନ୍ତି ଏବଂ ୯ଜଣ କମ୍ପାର୍ଟମେଣ୍ଟାଲ ପାଇଛନ୍ତି।

### ସେଣ୍ଟ ମେରିଜ୍ କନ୍‌ଭେଣ୍ଟ ସ୍କୁଲ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ସ୍ଥାନୀୟ ରଘୁନାଥପୁରସ୍ଥ ସେଣ୍ଟ ମେରିଜ୍ କନଭେଣ୍ଟ ବିଦ୍ୟାଳୟର ଶତ ପ୍ରତିଶତ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ସବ୍ୟସାଚୀ ପଟ୍ଟନାୟକ ୯୮.୬% ନମ୍ବର ରଖି ପ୍ରଥମ, ଅର୍ଣ୍ଣବ ମହାନ୍ତ ୯୭.୬% ଓ ପ୍ରୀତମ ଗିରି ୯୭ ୨% ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ପିନାକୀ ପଟ୍ଟନାୟକ ୯୭ % ଓ ପ୍ରିୟା ପାଲବାବୁ ୯୬.୬ % ନମ୍ବର ରଖି ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୦%ରୁ ଅଧିକ ୧୮ ଜଣ ୮୫%ରୁ ଅଧିକ ୧୨ଜଣ, ୮୦%ରୁ ଅଧିକ ୭ ଜଣ, ୭୦%ରୁ ଅଧିକ ୨୨ ଜଣ, ୬୦%ରୁ ଅଧିକ ୨୦ ଜଣ ଏବଂ ୫୫ ପ୍ରତିଶତରୁ ଅଧିକ ୧୧ ଜଣ ରହିଛନ୍ତି।

### ସେଣ୍ଟ ଜାଭିଅର ହାଇସ୍କୁଲ

ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ବାରିପଦା ଇନ୍ଦପାହିସ୍ଥିତ ସେଣ୍ଟ ଜାଭିଅର ହାଇସ୍କୁଲର ପରୀକ୍ଷାର୍ଥୀ ସଫଳତା ହାସଲ କରିଛନ୍ତି। ଦଶମର ୬୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଅର୍ପିତ ସିଂ ୯୭.୪%, ରୀମା ଛେତ୍ରୀ ୯୫.୬% ଓ ମୌସମ କୁମାର ନାୟକ ୯୪.୮% ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ତେଜସ୍ କୁମାର ସାହୁ ୯୨.୮%, ଶୁଭମ ସୁସ୍ମିନ କର ୯୦.୪% ଓ ସ୍ନେହା ନାଏକ ୯୦% ପ୍ରତିଶତ ନମ୍ବର ରଖିଛନ୍ତି। ଦ୍ୱାଦଶ ଶ୍ରେଣୀର ୫୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରାପ୍ତି ପ୍ରେମୋସ୍ମିତା ୯୫%, ଶ୍ରେୟା ସାହା ୮୬% ଓ ପ୍ରାଧାପାଇ ୮୩.୪% ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ବିଦ୍ୟାଳୟ ସମ୍ପାଦକ ଅମିତାଭ ପଟ୍ଟନାୟକ, ଅଧ୍ୟକ୍ଷ ସନ୍ନ୍ୟାସୀ ପ୍ରଧାନ ଓ ପରାମର୍ଶଦାତା ଜେବି ମହାନ୍ତି ପ୍ରମୁଖ କୃତି ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

**Format C – 1**

*(for candidate to publish in Newspapers, TV)*

**Declaration about Criminal Cases**

*(As per the judgment dated 25th September, 2018 of Hon'ble Supreme Court in WP (Civil) No. 536of 2011 (Public Interest Foundation & Ors. Vs. Union of India &Anr.)*

Name and address of the Candidate: **Dhanurjaya Sidu, At – DehuriSahi, Serenda, PO. – Serenda, Via – Barbil, PS –Barbil, Dist – Keonjhar**

Name of the Political Party: **Biju Janata Dal (BJD)**

(Independent Candidates should write "Independent" here)

Name of Election: **Lok Sabha General Election - 2024**

*Name of Constituency: **4-Keonjhar (ST) Parliamentary Constituency**

I, **Sri Dhanurjaya Sidu**, (name of candidate) a candidate for the abovementioned election, declare for public information the following details about my criminal antecedents:

**(A) Pending criminal cases**

| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | JMFC, Barbil Dist – Keonjhar, Odisha | GR Case No. 691 of 2013 | Pending | U/S 341, 323, 294, 427, 506, 34 of IPC r/w-Section 25/27 Arms Act Unlawful restraint, voluntary causing hurt, obscene act in public place, mischief causing damage, gathering in furtherance of common intention |
| 2 | SDJM, Anandapur Dist – Keonjhar, Odisha | GR Case No. – 229 of 2011 | Pending | U/S 143, 341, 431, 149 of IPC and 17(2) CLA Act Unlawful Assembly, wrongful restraint, Injury to public road. |
| 3 | JMFC, Barbil Dist – Keonjhar, Odisha | GR Case No. 449 of 2009 | Pending | U/S 341, 332, 506, 294, 323, 355 of IPC Unlawful restraint, voluntary causing hurt using obscene act, mischief causing damage. |
| 4 | JMFC, Barbil Dist – Keonjhar, Odisha | GR Case No. – 221 of 2005 | Pending | U/S 353, 294, 34 of IPC and 177 MV Act Assault to a Government Servant saying obscene language in a public place / common object |

**(B) Details about cases of conviction for criminal offences : NOT APPLICABLE**

| Sl. No. | Name of Courts & date(s) of order(s) | Description of offence(s) & punishment imposed | Maximum Punishment imposed |
|---|---|---|---|
| 1 | NOT APPLICABLE | NOT APPLICABLE | NOT APPLICABLE |
| 2 | NOT APPLICABLE | NOT APPLICABLE | NOT APPLICABLE |
| 3 | NOT APPLICABLE | NOT APPLICABLE | NOT APPLICABLE |

Dhanurjaya Sidu

### ୧୮ ଟି ପଞ୍ଚାୟତରେ ବିଜେଡି ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

# ଶକ୍ତିଶାଳୀ ହେଉଛନ୍ତି ପ୍ରୀତିନନ୍ଦା; ବିପୁଳ ଜନସମର୍ଥନ

ମୋରଡ଼ା, ୧୪।୫(ସମିସ): ମୋରଡ଼ା ନିର୍ବାଚନ ମଣ୍ଡଳୀ ଆସନର ବିଜେଡି ପ୍ରାର୍ଥୀ ପ୍ରୀତିନନ୍ଦା କାନୁନ୍‌ଗୋ ବିଭିନ୍ନ ପଞ୍ଚାୟରେ ପହଞ୍ଚି ମାରାଥନ ପ୍ରଚାର ଚଳାଇଛନ୍ତି। ସେ ମାତ୍ର ୩ ଦିନରେ ୧୮ଟି ପଞ୍ଚାୟତରେ ପହଞ୍ଚି ପ୍ରତି ଘରେ ପହଞ୍ଚି ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କ ଅବଗତ କରିବା ସହିତ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ତାଙ୍କ ସହିତ ବ୍ଲକ ସଭାପତି ଜୟପ୍ରକାଶ ରାଉଳ, ଯୁବ ସଭାପତି ସମୀର ବେହେରା, ଛାତ୍ର ସଭାପତି ରଞ୍ଜନ ଭୋଟ ଦେଇ ଲୋକସଭା ପ୍ରାର୍ଥୀ ସୁଦାମ ମାରାଣ୍ଡି ଏବଂ ବିଧାନସଭା ପ୍ରାର୍ଥୀନୀ ପ୍ରୀତିନନ୍ଦା କାନୁନଗୋଙ୍କୁ ଜିତାଇବା ପାଇଁ ସଂକଳ୍ପ ନେବାକୁ ଅନୁରୋଧ କରିଥିଲେ। ମାତ୍ର ତିନି ଦିନରେ ୧୮ଟି ପଞ୍ଚାୟତରେ ମାରାଥନ ପ୍ରଚାର କରି ସେ ସଶକ୍ତ ଟାଣୁଆ ମହିଳାଙ୍କ ପରିଚୟ ସୃଷ୍ଟି କରିପାରଛନ୍ତି। ଘର ଘର ବୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନାହିତକର ଯୋଜନା ଯାହା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ରହିଛି ତାହା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କେତେ ସହଜ ହୋଇପାରିଛି ସେ ନେଇ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାପତି ବିଦ୍ୟୁତପ୍ରଭା ବେହେରା, ଜିଲ୍ଲା ପରିଷଦ



ଲୋକଙ୍କୁ ଭେଟି ଭୋଟଭିକ୍ଷା କରୁଛନ୍ତି। ଆଜି ବିଜୁ ଜନତା ଦଳ ତରଫରୁ ବ୍ଲକ କୋର୍ଡ଼ିନେଟର ମୀନକେତନ ମହାନ୍ତି ଏବଂ ଜୋନ ସଭାପତି ବାବୁଲା ମହାନ୍ତଙ୍କ ନେତୃତ୍ୱରେ ୪୦ ନଂ. ଜୋନର ପଳାସମୁଣ୍ଡୁଳି, ଧଡାସାହି, ବରକନ୍ଦ, ଗଡ଼ିଗାଁ ଏବଂ ଜୁଆଳିଭଙ୍ଗା ପଞ୍ଚାୟତର ବିଭିନ୍ନ ଗାଁରେ ପହଞ୍ଚି ଲୋକଙ୍କୁ ମହାନ୍ତ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ବାଇକ ଶୋଭାଯାତ୍ରର ଆୟୋଜନ କରାଯାଇ ତାଙ୍କୁ ପ୍ରତ୍ୟେକ ଗାଁକୁ ପାଛୋଟି ନେଇଥିଲେ। ପ୍ରୀତିନନ୍ଦାଙ୍କୁ ସମସ୍ତ ଗାଁରୁ ପ୍ରବଳ ଜନ ସମର୍ଥନ ମିଳିଥିବା ପରଲକ୍ଷିତ ହୋଇଛି। ସେ ଲୋକମାନଙ୍କ ପାଖରୁ ଆଶୀର୍ବାଦ ଭିକ୍ଷା କରିବା ସହ ଯୋଡିଏ ଶଙ୍ଖରେ ସଦସ୍ୟା ମିନାକ୍ଷୀ ସରେନ, କ୍ଷୀତିଶ ମହାନ୍ତ, ନୃସିଂହ ସାହୁ, ପୀତାମ୍ବର ଦାସ, ତିଲକା ହାଁସଦା, ଦେବେନ୍ଦ୍ର ନାଥ ଗିରି, ଦିବ୍ୟପ୍ରକାଶ ପଟ୍ଟନାୟକ, ଶିଶିର ସେଠୀ, ସଞ୍ଜୟ ବେହେରା, ରଘୁନାଥ ମହାନ୍ତ, ସାଇରାମ ବେହେରା, ସୁକାନ୍ତୀସେଠୀ ସମେତ ହଜାର ହଜାର ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ବିଜେଡି ପ୍ରାର୍ଥୀ ବାସନ୍ତୀଙ୍କ ମାରାଥନ ପ୍ରଚାର



କପ୍ତିପଦା, ୧୪।୫(ସମିସ): କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୫ ତାରିଖରେ ଭୋଟଗ୍ରହଣ ହେବାକୁ ଥିବାବେଳେ ମଙ୍ଗଳବାର କପ୍ତିପଦା ବ୍ଲକର ଲାବଣ୍ୟଦେଇଇପୁର, ଦେବାନବାହାଲି, ରାଣୀପୋଖରୀ, ଶରତ, ସରଡିହା, ନୋଟ, କଳମଗଡ଼ିଆ, ରାମଚନ୍ଦ୍ରପୁର ଓ ପଦ୍ମପୋଖରୀ ପଞ୍ଚାୟତରେ ବିଜେଡି ପ୍ରାର୍ଥୀ ମନ୍ତ୍ରୀ ବାସନ୍ତୀ ମାରାଥନ ପ୍ରଚାର ଆରମ୍ଭ କରିଛନ୍ତି। ଏହି ପ୍ରଚାରରେ ଶହଶହ ସଂଖ୍ୟାରେ ଲୋକ ଯୋଗଦେଇ ବିଜେଡିର ଜୟଧ୍ୱନି ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କପ୍ତିପଦା ବ୍ଲକ ଚେୟାରମ୍ୟାନ କାହ୍ନୁଚରଣ ସୋରେନ, ମୟୂରଭଞ୍ଜ ଜିଲ୍ଲାପରିଷଦ ଉପାଧକ୍ଷ ବିପିନସିଂ ବଦ୍ରା, ଶରତ ସରପଞ୍ଚ ପଦ୍ମାବତୀ ସିଂ, କପ୍ତିପଦା ବ୍ଲକର କରଞ୍ଜିଆ ନିର୍ବାଚନ ମଣ୍ଡଳୀର ସଂଯୋଜକ ଅମିୟ କୁମାର ବଳ, ଜିଲ୍ଲା ପରିଷଦ ସଭ୍ୟ ମାକୁସିଂ, ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନହିତକାରୀ ଯୋଜନା ମାଧ୍ୟମରେ ପ୍ରଚାର ପ୍ରସାର କରିଥିଲେ। ଗତ ୨୦୧୯ ନିର୍ବାଚନରେ ଏହି ୯ଟି ପଞ୍ଚାୟତର ଭୋଟର ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟେ ଦେଇ ବାସନ୍ତୀ ହେମ୍ବ୍ରମଙ୍କୁ ଜୟଯୁକ୍ତ କରାଇଥିଲେ।

## ବିନା ଶୋଭାଯାତ୍ରାରେ ନାମାଙ୍କନ ଦାଖଲ କଲେ ଭାସ୍କର ମଢେଇ; କର୍ମୀ ନିରାଶ

ଉଦଳା, ୧୪।୫(ସମିସ): ଆଜି ନାମାଙ୍କନ ଶେଷ ଦିବସରେ ବିଜେପି ପ୍ରାର୍ଥୀ ଭାସ୍କର ମଢେଇ ଏକ ଶୋଭାଯାତ୍ରାରେ ଆସି ନାମାଙ୍କନ ଦାଖଲ କରିବାର ଯୋଜନା ଥିଲା; ମାତ୍ର କୌଣସି କାରଣରୁ ବିଳମ୍ବ ହେବାରୁ ଶୋଭାଯାତ୍ରା ହୋଇପାରିନଥିଲା। ଶେଷରେ ସେ କେତେଜଣ ହାତଗଣତି କାର୍ଯ୍ୟକର୍ତ୍ତାଙ୍କ ସହ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଟିକଟ ଘୋଷଣା ପରେ ବି ବିରୋଧ କରୁଥିବା ବରିଷ୍ଠ ନେତା କମଳ ଧଳ ସମର୍ଥକଙ୍କ ସହ ସାମିଲ ଥିଲେ। ଗୋଷ୍ଠୀ ବିବାଦ କାରଣରୁ ଟିକଟ ଲଢେଇ ଅନିଶ୍ଚିତତା ମଧ୍ୟରେ ରହିଥିଲା। ତେବେ ଶେଷରେ ବିଧାୟକ ଭାସ୍କର ମଢେଇଙ୍କୁ ଦଳ ପୁଣି ଟିକଟ ଦେଇଛି। ତେବେ ନିରାଡ଼ମ୍ବର ନାମାଙ୍କନ ନେଇ କର୍ମୀ ଓ ସମର୍ଥକ ମଧ୍ୟରେ ନିରାଶଭାବ ଦେଖାଦେଇଥିଲା। ପ୍ରଥମ ଥର ବିଜେପି ପ୍ରାର୍ଥୀ ବିନା ଶୋଭାଯାତ୍ରାରେ ଆସି ନାମାଙ୍କନ ଭରିଛନ୍ତି।

## ବହଳଦାରେ ନାମ ସଂକୀର୍ତ୍ତନ ଉଦ୍‌ଯାପିତ



ବହଳଦା, ୧୪।୫(ସମିସ): ବହଳଦାରେ ଚାଲିଥିବା ୨୪ ପ୍ରହର ନାମ ସଂକୀର୍ତ୍ତନ ସୋମବାର ସଂଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଗତ ୧୦ତାରିଖ ପବିତ୍ର ଅକ୍ଷିତୃତୀୟାଠାରୁ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଅଧିବାସ, କଳସ ସ୍ଥାପନ ପରେ ରାଧାକୃଷ୍ଣ ବିଗ୍ରହଙ୍କ ପାଖରେ ଅଖଣ୍ଡ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ ପୁରୁଲିଆର ସୁନାମଧନ୍ୟ ନିତ୍ୟାନନ୍ଦ ଦାସ ଓ ସାଥୀ ସହ ସୁବଳ ଦାସ ଦଳ, ଝାଡ଼ଖଣ୍ଡର ବାରୁସାହି, ଲପୁଙ୍ଗ ଏବଂ ସ୍ଥାନୀୟ ପାହାଡପୁର ଓ ଶଶ ସଂକୀର୍ତ୍ତନ ମଣ୍ଡଳୀ ଅଂଶ ଗ୍ରହଣ କରିଥିଲେ। ଯୁବ ବ୍ୟବସାୟୀ ସୌରଭ ଦାସ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଦିଲୁ ନନା, ଅଶୋକ ନନା ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟହ ମାରୁୱାଡି ସମାଜ ମହିଳା ସଭ୍ୟାଙ୍କ ପକ୍ଷରୁ ଥଣ୍ଡା ସରବତ ସହ ଫଳ, ଜଳଖିଆ ବଣ୍ଟନ କରାଯାଇଥିଲା। ସଂଧ୍ୟା ସାତଟା ପରେ ଦଧି ଓ ପରେ ନଗର ପରିକ୍ରମା କରିଥିଲା।

ମାଲସା ଭୋଗଲାଗି ପରେ ସଂକୀର୍ତ୍ତନ ଶେଷ ହୋଇଥିଲା। କାଳ ବୈଶାଖୀ ବର୍ଷା ସତ୍ତ୍ୱେ ଏହି ନାମସଂକୀର୍ତ୍ତନରେ ବହୁ ସଂଖ୍ୟାରେ ମହିଳା ମାନେ ଭିଡ଼ କରିଥିବା ଦେଖାଯାଇଥିଲା।

## ସ୍ୱାଧୀନ ପ୍ରାର୍ଥୀ ଧ୍ରୁବ ମାଝୀଙ୍କ ନିଆରା ପ୍ରଚାର

କରଞ୍ଜିଆ, ୧୪।୫(ସମିସ): ଆଗାମୀ ନିର୍ବାଚନରେ କରଞ୍ଜିଆ ଆସନ ପାଇଁ ୧୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନିର୍ବାଚନ ମଇଦାନରେ ବିଜେଡି, କଂଗ୍ରେସ, ବିଜେପି, ଏସ୍‌ୟୁସିଆ ଏବଂ ୭ ଜଣ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ସମସ୍ତ ପ୍ରାର୍ଥୀ ଦଳୀୟ କିମ୍ବା ନିଜର ଭାବମୂର୍ତ୍ତି ଏବଂ କିଛି ପ୍ରସଙ୍ଗକୁ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏହି କ୍ରମରେ ଠାକୁରମୁଣ୍ଡା ବ୍ଲକ ଖଣ୍ଡବନ୍ଧ ପଞ୍ଚାୟତର ଧ୍ରୁବଚରଣ ମାଝୀ ମଧ୍ୟ ନିର୍ବାଚନ ଲଢୁଛନ୍ତି। ତାଙ୍କର ଆୟ ବୋଲି କିଛି ନାହିଁ। ପିତାଙ୍କ ନାମରେ ଥିବା ଅଳ୍ପ ଜମିରେ ଚାଷକରି ସେ ପରିବାର ପ୍ରତିପୋଷଣ କରୁଛନ୍ତି। ସେ ତଣେ ଗରିବ ଚାଷୀ ହୋଇଥିବାରୁ କୃଷକ, ଗରିବ, ଖଟିଖିଆଙ୍କ ଦୁଃଖ, ସମସ୍ୟା ବୁଝିପାରିଛନ୍ତି। ଏଣୁ କୃଷକ ଓ ଶ୍ରମିକ ପାଇଁ କାମକରିବେ ବୋଲି ପଦଯାତ୍ରା ମାଧ୍ୟମରେ ପ୍ରଚାର ଚଳାଇଛନ୍ତି। ତାଙ୍କ ପାଖରେ ଗାଡି ମଟର କିଛି ନ ଥିବାବେଳେ ସିଧା ଲୋକଙ୍କ ନିକଟରେ ପହଞ୍ଚି ଭୋଟଭିକ୍ଷା କରୁଛନ୍ତି। ଧ୍ରୁବ ମାଝୀ ବିଶେଷ ପାଠ ପଢ଼ି ନ ଥିଲେ ବି ମାଟ୍ରିକ ପାସ କରି ଯଶିପୁର କଲେଜରେ ନାମ ଲେଖାଇଥିଲେ। ଶିକ୍ଷା କ୍ଷେତ୍ରରେ ସେ ସମସ୍ତଙ୍କ ପାଇଁ ଗୁରୁତ୍ୱ ଦେଇଛନ୍ତି। ଏଠିକାର ସମସ୍ତ ପିଲାଙ୍କୁ ପାଠପଢ଼ାରେ ସମାନ ସୁଯୋଗ ମିଳିବା କଥା ଉପରେ ଗୁରୁତ୍ୱ ଦେଇଛନ୍ତି। ଲୋକଙ୍କ ସେବା କରିବା ପାଇଁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ଭାବେ ଅନେକ ଥର ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କରିଛନ୍ତି। ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ସୁଯୋଗ, ସମାନ ଅଧିକାର ମିଳିବା ଉଚିତ ବୋଲି ସେ କହିଛନ୍ତି।

## ଉଦଳା: ଶେଷ ଦିନରେ ନାମାଙ୍କନ ଦାଖଲ କଲେ ୧୦ ପ୍ରାର୍ଥୀ





ଉଦଳା, ୧୪।୫(ସମିସ): ଉଦଳା ନିର୍ବାଚନ ମଣ୍ଡଳୀ ପାଇଁ ଆଜି ଶେଷ ଦିବସରେ ୧୦ ଜଣ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଡ଼. ମନୋରଞ୍ଜନ ମଲ୍ଲିକ, କଲ୍ଲୋଳ ସିଂ, ବିଶ୍ୱନାଥ ମାରାଣ୍ଡି, ରାଜକିଶୋର ମାର୍ଣ୍ଡି, ମାୟା ଟୁଡୁ, ରାଇମଣି ବିଶ୍ୱାଳ ନବ ନିର୍ମାଣ କୃଷକ ସଂଘ ସମର୍ଥିତ ସ୍ୱା।ଧୀନ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ବିଜେପରୁ ଭାସ୍କର ମଢେଇ, ବିଜେଡିରୁ ଶ୍ରୀନାଥ ସୋରେନ, କଂଗ୍ରେସରୁ ଦୁର୍ଗାଚରଣ ଟୁଡୁ ଏବଂ ଜେଏମ୍‌ଏମ୍‌ରୁ ଚକ୍ରଧର ସିଂ ଆଜି ନାମାଙ୍କନ ଦାଖଲ କରିଥିଲେ। ତେବେ ଆଜି ଶେଷ ଦିନ ସୁଦ୍ଧା ମୋଟ ୧୬ ଜଣ ପ୍ରାର୍ଥୀ ଉଦଳା ବିଧାନସଭା ଆସନ ପାଇଁ ନାମାଙ୍କନ କରିଛନ୍ତି। ପୂର୍ବରୁ ସ୍ୱାଧୀନ ଭାବେ କାଳୀଚରଣ ପାତ୍ର, ବେଣୁଧର ମହାପାତ୍ର, ମୀନାକ୍ଷୀ ମୁର୍ମୁ, ରବୀନ୍ଦ୍ର ଟୁଡୁ, ଆଜସୁ ପାର୍ଟିରୁ ମଦନମୋହନ ମାଝୀ, ନ୍ୟାସନାଲ ଅପନୀ ପାର୍ଟିରୁ ଯୋଗେନ୍ଦ୍ର ବାର୍ଷାଳିଆ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆସନ୍ତା ୧୫ ତାରିଖରେ ଯାଞ୍ଚ ଓ ୧୭ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବ।

## ସିବିଏସ୍‌ଇ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ କରିସ୍ମାଙ୍କ ସଫଳତା

କରଞ୍ଜିଆ, ୧୪।୫(ସମିସ): କରଞ୍ଜିଆ ବ୍ଲକରେ ନୂତନ କରି ଗଢ଼ି ଉଠିଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବଡଦେଉଳିର ଛାତ୍ରୀ ସୁଶ୍ରୀ ଜ୍ୟୋତିସ୍ମିତା ଦାଶ ସିବିଏସଇ ଦଶମ ପରୀକ୍ଷାରେ ୯୬.୨% ପ୍ରତିଶତ ରଖି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେ କରଞ୍ଜିଆ ସହରର ୱାର୍ଡ଼ ନମ୍ବର ୮ର ଜ୍ୟୋତି ଶଙ୍କର ଦାଶଙ୍କ ଝିଅ। ପିଲାବେଳୁ ମାଧବୀ ଛାତ୍ରୀ ଭାବେ ସମସ୍ତଙ୍କ ପ୍ରିୟ। ପାଠପଢ଼ା ବ୍ୟତୀତ ଖେଳକୁଦ, ନାଚଗୀତ, ବକ୍ତୃତା, ପ୍ରବନ୍ଧ ପତିଯୋଗିତାରେ ସେ ବେଶ ପାରଙ୍ଗମ। ଚଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସିବିଏସଇରେ ୭୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିରୁ ୩ ଜଣ ୯୫%, ୯୦-୯୫% ଓ ୮୦-୯୦% ମଧ୍ୟରେ ୧୫ ଜଣ ପାସ କରିଛନ୍ତି। ସେହିଭଳି କରଞ୍ଜିଆସ୍ଥିତ ଡି.ଏମ ପବ୍ଲିକ ସ୍କୁଲ ଓ ବ୍ରାଇଟ ଏଞ୍ଜେଲ ସ୍କୁଲ ମଧ୍ୟ ଶତପ୍ରତିଶତ ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି।

## ସିବିଏସ୍‌ଇ ଦଶମ ପରୀକ୍ଷାରେ ତନ୍ମୟ ବ୍ଲକ ଟପ୍ପର



ମୋରଡ଼ା, ୧୪।୫(ସମିସ): ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଶିର୍ଷାପାଳ (ଚିତ୍ରଡା) ଗ୍ରାମର ମାନସୀ ସାହୁ ଓ ସଞ୍ଜୟ କୁମାର ସାହୁଙ୍କ ପୁଅ ତନ୍ମୟ କୁମାର ସାହୁ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ସଫଳତା ପାଇଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଶୁଭ କାମନାର ସୁଅ ଛୁଟିଛି। ସୋମବାର ସିବିଏସଇ ଦଶମ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ସେ ୯୭.୮ ପ୍ରତିଶତ ନମ୍ବର ରଖି ଅଞ୍ଚଳ ପାଇଁ ଗର୍ବ ଆଣିଛନ୍ତି। ଏହି ସଫଳତା ପାଇଁ ଈଶ୍ୱର, ମା-ବାପା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ସେ ଜଣେ ଆଇଆଇଟି ଇଞ୍ଜିନିୟର ହେବାର ଲକ୍ଷ୍ୟ ରଖିଛନ୍ତି। ସେ ବାଲେଶ୍ୱର ମଡର୍ଣ୍ଣ ପବ୍ଲିକ ସ୍କୁଲର ଛାତ୍ର ଥିଲେ। ସୂଚନା ଯୋଗ୍ୟ ଯେ ତନ୍ମୟ ଆକାଶ ଶିକ୍ଷାନୁଷ୍ଠାନ ପାଇଁ ପ୍ରବେଶିକା ପରୀକ୍ଷା ଦେଇ ସର୍ବଭାରତୀୟ ସ୍ତରରେ ତୃତୀୟ ଓ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ୧ ଲକ୍ଷ ଟଙ୍କା ପ୍ରୋତ୍ସାହନ ପାଇବା ପାଇଁ ଯୋଗ୍ୟ ହୋଇଥିଲେ।

## ଭଞ୍ଜସେନାର ଜିଲ୍ଲା ଯୁବ ଶାଖା ଓ ବାରିପଦା ଉପଖଣ୍ଡ କମିଟିର ନୂତନ କର୍ମକର୍ତ୍ତା

ବାରିପଦା, ୧୪।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ଯୁବ ଛାତ୍ର ସଂଗଠନ 'ଭଞ୍ଜସେନା' ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମଙ୍ଗଳବାର ଜିଲ୍ଲା ଯୁବ ଶାଖା ଓ ବାରିପଦା ଉପଖଣ୍ଡ ଶାଖାର ପୂର୍ବ କମିଟିକୁ ଭାଙ୍ଗି ଜିଲ୍ଲା ଯୁବ ଶାଖା ସଭାପତି ସୌମ୍ୟରଞ୍ଜନ ମିଶ୍ରଙ୍କୁ ବାଦ ଦେଇ ଏକ ନୂତନ ଜିଲ୍ଲା ଯୁବ ଶାଖା ଷ୍ଟିୟରିଂ କମିଟି ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ଜିଲ୍ଲା ଯୁବ ଶାଖା ଷ୍ଟିୟରିଂ କମିଟିର ନୂତନ ସଦସ୍ୟମାନେ ହେଲେ ସତ୍ୟରଞ୍ଜନ ଘଡେଇ, ଏମଡି ରାଜା, ଭାଗବତ ହେମ୍ବ୍ରମ, ଲଲାଟ କେଶରୀ ରାଉତ, ସଞ୍ଜୀବ ଗିରି। ସେହିପରି ବାରିପଦା ଉପଖଣ୍ଡର ସଭାପତି ଭାବେ ଜ୍ୟୋତିରଞ୍ଜନ ପୃଷ୍ଟି, ସାଧାରଣ ସମ୍ପାଦକ ଭାବେ ମନୋରଞ୍ଜନ ବାରିକ ପ୍ରମୁଖଙ୍କୁ ମନୋନୀତ କରିଛନ୍ତି ବୋଲି ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

## ଯଶିପୁର ନିର୍ବାଚନମଣ୍ଡଳୀ: ନାମାଙ୍କନ ଦାଖଲ କଲେ ୯ ପ୍ରାର୍ଥୀ




କରଞ୍ଜିଆ, ୧୪।୫(ସମିସ): ଯଶୀପୁର ସଂରକ୍ଷିତ ବିଧାନସଭା କ୍ଷେତ୍ର ପାଇଁ ଶେଷ ଦିନରେ ଦୁଇଜଣ ସ୍ୱାଧୀନ ପ୍ରାର୍ଥୀ ସମେତ ମୋଟ ୯ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆଜି ସୁଦ୍ଧା ମୋଟ ୯ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ମାଇନା ବେସ୍ରା, ନୀଳାମ୍ବର ନାଏକ, ଗଣେଶ ରାମସିଂଖୁଣ୍ଟିଆ, ଚକ୍ରଧର ହେମ୍ବ୍ରମ, ଶ୍ୱେତା ଚାତାର, ଦିଲ୍ଲୀପ ନାଏକ, ଯୋଗେନ୍ଦ୍ର ନାଥ ପୂର୍ତ୍ତି, କ୍ୟାପଟେନ ଦେବେନ୍ଦ୍ରନାଥ ପିଙ୍ଗୁଆ ଓ ନବକିଶୋର ପୂର୍ତ୍ତି। ଯଶୀପୁର ସଂରକ୍ଷିତ ଆସନ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆଜି ଶେଷ ହୋଇଥିବା ବେଳେ ଆସନ୍ତାକାଲି ଯାଞ୍ଚହେବ ଏବଂ ୧୭ ତାରଇକରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ପୂର୍ଣ୍ଣାଙ୍ଗ ତାଲିକା ପ୍ରକାଶ ପାଇବ। ଆସନ୍ତା ଜୁନ୍ ୧ ତାରିଖରେ ଭୋଟଗ୍ରହଣ ହେବ ବୋଲି ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ସୂଚନା ଦେଇଛନ୍ତି।

## ମହାରାଣୀ ତଖତ କୁମାରୀଙ୍କ ତିରୋଧାନ ଦିବସ

ବାରିପଦା, ୧୪।୫(ସମିସ): ପୂର୍ଣ୍ଣଚନ୍ଦ୍ର ସ୍ମୃତି ମନ୍ଦିର ଟ୍ରଷ୍ଟ ଆନୁକୂଲ୍ୟରେ ମହାରାଣୀ ତଖତ କୁମାରୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ମହାରାଣୀଙ୍କ ସ୍ମୃତି ମନ୍ଦିର ପରିସରରେ ଆୟୋଜିତ ସ୍ମୃତିସଭାରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ଏବଂ ମହାରାଣୀ ତଖତ କୁମାରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଥିବା



ପରିବାର ସଦସ୍ୟ, ଅତିଥି ଏବଂ ଟ୍ରଷ୍ଟର ସଦସ୍ୟ/ସଦସ୍ୟାମାନେ ମହାରାଜା ଏବଂ ମହାରାଣୀଙ୍କ ତ୍ୟାଗ, ଜୀବନ ଆଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସଦସ୍ୟ ମଥୁରା ପ୍ରସାଦ ଦଣ୍ଡପାଟ, ବିଜୟ କୁମାର ଦାସ, ଯୋଗେଶ୍ୱର ଦଣ୍ଡପାଟ, ଅଜିତ କୁମାର ଦାସ, ଦିବାକର ତ୍ରିପାଠୀ, ଅମ୍ବିକା ଘୋଷ, ହରିହର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନରେ ଅଂଶ ଗ୍ରହଣ କରିଥିଲେ। ତିରୋଧାନ ଦିବସ ପାଳନ ପାଇଁ ସମାଧି ମନ୍ଦିରରେ ବୈଦିକ ପଦ୍ଧତିରେ ଶ୍ରାଦ୍ଧ ବିଧି ଏବଂ ପୂଜାର୍ଚ୍ଚନା କରାଯାଇ ବ୍ରାହ୍ମଣ ଭୋଜନ ଓ ଉପସ୍ଥିତ ଲୋକଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଇଥିଲା। ରାଜପରିବାର ପକ୍ଷରୁ ଦିବ୍ୟଦୁ ଚନ୍ଦ୍ର ଭଞ୍ଜଦେଓ, ଅନିରୁଦ୍ଧ ଭଞ୍ଜଦେଓ, ଭରତ ଚନ୍ଦ୍ର ଭଞ୍ଜଦେଓ ପ୍ରମୁଖ ସହଯୋଗ କରିବା ସହିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ।

### ଦୁଇଦିନିଆ ଛଉ ପ୍ରତିଯୋଗିତା ଉଦ୍‌ଯାପିତ

# ରାଜେଶ ଦାସଙ୍କ ନାଗରାରେ ନାଚିଲେ ଦର୍ଶକ

ମୋରଡା, ୧୪।୫(ସମିସ): ଲୋକନୃତ୍ୟ ହେଉଛି ଓଡ଼ିଶାର କଳା ଓ ସଂସ୍କୃତିର ପରିଚାୟକ। ଛଉ ନୃତ୍ୟଗୁରୁ ଜାନକୀ ମହାନ୍ତଙ୍କ କହିବା ମୁତାବକ ଓଡ଼ିଆ ଜୀବନ ଶୈଳୀ ଏବଂ ପ୍ରଥା




ସହିତ ଛଉନୃତ୍ୟ ଅଙ୍ଗାଙ୍ଗୀଭାବେ ଜଡ଼ିତ। ମୁଖ୍ୟତଃ ଧର୍ମଚାର, ମନୋରଞ୍ଜନ, ଶ୍ରମ ଅପନୋଦନ, ସାମାଜିକ ସଂସ୍କାର ଆଦି ବହୁବିଧ ଉଦ୍ଦେଶ୍ୟକୁ ନେଇ ଲୋକନୃତ୍ୟର ସୃଷ୍ଟି ହୋଇଛି। ଏହିସବୁ ନୃତ୍ୟ ମୁଖ୍ୟତଃ ଖୋଲା ଆକାଶତଳେ ପରିବେଷଣ କରାଯାଇଥାଏ। ପ୍ରତ୍ୟେକ ଲୋକନୃତ୍ୟରେ ଓଡ଼ିଶାର ପାରମ୍ପରିକ ସଙ୍ଗୀତ ଓ ବହୁ ଲୋକପ୍ରିୟ ଢଗଢମାଳି ଆଦିର ବ୍ୟବହାର ହୋଇଥାଏ। ଏକ ଯୁଦ୍ଧଭିତ୍ତିକ ଭାରତୀୟ ନାଟ ଯାହା ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରୁ ଜନ୍ମଲାଭ କରିଛି। ଏଥିରେ ନାଟ ସାଙ୍ଗରେ ତୁରୀ, ମାଦଳ ଓ ଅନ୍ୟାନ୍ୟ ବାଦ୍ୟଯନ୍ତ୍ରର ବାଦନ କରି ନାଚ ମାଧ୍ୟମରେ ଯୁଦ୍ଧର ବର୍ଣ୍ଣନା କରାଯାଇଥାଏ। ଛଉ ଶବ୍ଦ ଓଡ଼ିଆ ଶବ୍ଦ 'ଛାଉଣି'ରୁ ଆସିଛି; ଯାହାର ଅର୍ଥ ସେନାଛାଉଣି। ଏହା ରାଜାରାଜୁଡ଼ା ସମୟର ସେନାମାନଙ୍କ ଯୁଦ୍ଧ କଳାରୁ ଜନ୍ମ ନେଇଛି। କୃଷିଭିତ୍ତିକ ସଭ୍ୟତାର ଏହା ପ୍ରଥମ ପର୍ବ। ପ୍ରାୟ ସବୁ ଲୋକନୃତ୍ୟ ପରି ଛଉରେ ମଧ୍ୟ ପ୍ରଥମେ ଆରାଧ ଦେବାଦେବୀଙ୍କୁ ପୂଜା କରାଯାଇଥାଏ। ଏହି କ୍ରମରେ ଦୁଇଦିନ ଧରି ଚାଲିଥିବା ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକର ପ୍ରସିଦ୍ଧ ଚିତ୍ରଡା ଛଉ ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ଉଦଯାପିତ ହୋଇଯାଇଛି। ସୋମବାର ରାତି ୯ରୁ ଆରମ୍ଭ ହୋଇଥିଲା ଦ୍ୱିତୀୟ ରାତିର ଛଉ ନୃତ୍ୟ। ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ତରଫରୁ ୬ଟି ଲେଖାଏଁ ନୃତ୍ୟ କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଉତ୍ତରସାହି କଳାକାରଙ୍କ ଦ୍ୱାରା ରାଇରାଜା, କରମ ରାଜା, ରାହାସ, ବସ୍ତ୍ରହରଣ, ଚାଷୀ ମୁଲିଆ, ନୌକା ବିଳାସ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଦକ୍ଷିଣ ସାହି କଳାକାରଙ୍କ ଦ୍ୱାରା ଦେବଯାନୀ, କେଳା, ବନବାସୀ, ତାମୁଡିଆ କୃଷ୍ଣ, ବସନ୍ତ ବିହାର, କିରାତ ଅର୍ଜୁନ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ତେବେ ଉତ୍ତରସାହିର ଗୀତିକାର ହରିହର ଜେନାଙ୍କ ସୁମଧୁର କଣ୍ଠ ଶ୍ରୋତାଗଣଙ୍କୁ ମୁଗ୍ଧ କରିଥିବା ବେଳେ ଉତ୍ତରସାହିର କରମରାଜା ନୃତ୍ୟରେ ଉପସ୍ଥିତ ଦର୍ଶକ ନାଚି ଉଠିଥିଲେ। ସେହିପରି ଦକ୍ଷିଣସାହିର ବନବାସୀ ନୃତ୍ୟ ବେଶ ଆକର୍ଷଣୀୟ ଥିଲା। ନୃତ୍ୟ ଆରମ୍ଭ ହେବା ପୂର୍ବରୁ ନାଟକି ବାଜାକୁ ବେଶ ଚିତ୍ତାକର୍ଷକ ସହିତ ବଜାଇଥିଲେ ରାଜେଶ ଦାସ। ଶେଷ ରାତିରେ ଛଉ ନୃତ୍ୟ ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। କରମ ରାଜା ଓ ବନବାସୀକୁ ଶ୍ରେଷ୍ଠ ନୃତ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ଆସନ୍ତାବର୍ଷ ଏହି ଛଉନୃତ୍ୟ ଆହୁରି ଚିତ୍ତାକର୍ଷକ ହେବା ସହିତ ଲୋକଙ୍କୁ ଆହୁରି ଆକୃଷ୍ଟ କରିବ ବୋଲି କହିଛନ୍ତି



ଉତ୍ତରସାହିର ଆୟୋଜକ ଆଦିତ୍ୟ ପ୍ରତାପ ଦାସ ଏବଂ ଦକ୍ଷିଣ ସାହିର ଆୟୋଜକ ଅମ୍ବୁଜ କୁମାର ମହାନ୍ତ ପ୍ରକାଶ କରିଛନ୍ତି।

## ବିଜେଡି ବିଧାୟକ ପ୍ରାର୍ଥୀ ଦେବାଶିଷ ଓ ରାଇସେନଙ୍କ ନାମାଙ୍କନ ଦାଖଲ

# ବିଶାଳ ରୋଡ୍ ଶୋ'ରେ କଲେ ଶକ୍ତି ପ୍ରଦର୍ଶନ



ରାଇରଙ୍ଗପୁର ସହର ଜନସମୁଦ୍ର







**ବାରିପଦା/ରାଇରଙ୍ଗପୁର/ବିଶୋଇ, ୧୪।୫(ସମିସ)**

ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ନାମାନଙ୍କ ପତ୍ର ଦାଖଲ ଶେଷ ଦିବସରେ ବିଜୁ ଜନତା ଦଳର ସାରସକଣା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଡା ଦେବାଶିଷ ମାର୍ଣ୍ଡି ଓ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ରାଇସେନ ମୁର୍ମୁ ପାର୍ଥିପତ୍ର ଦାଖଲ କରିଛନ୍ତି। ରାଇରଙ୍ଗପୁରରେ ମଙ୍ଗଳବାର ଏକ ବିରାଟ ରୋଡ ଶୋ'ରେ ଆସି ନିଜର ଶକ୍ତି ପ୍ରଦର୍ଶନ ଦେଖାଇ ନାମାନଙ୍କ ପତ୍ର ଦାଖଲ କରିଛନ୍ତି। ଉଭୟ ପ୍ରାର୍ଥୀଙ୍କ ସହିତ ଶୋଭାଯାତ୍ରାରେ ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଉପସ୍ଥିତ ରହି କର୍ମକର୍ତ୍ତା ଓ କର୍ମୀଙ୍କୁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ବିଜେଡି ପ୍ରାର୍ଥୀମାନଙ୍କୁ ହଜାର ହଜାର ଲୋକଙ୍କ ବିପୁଳ ଜନ ସମର୍ଥନ ରହିଥିବା ବେଳେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଏକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ବିଶାଳ ଶୋଭାଯାତ୍ରାରେ ସମର୍ଥକମାନଙ୍କ ଗହଣରେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ନିଜନିଜ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି; ଯାହାକୁ ନେଇ ରାଇରଙ୍ଗପୁର ସହର ଜନସମୁଦ୍ର ହୋଇଯାଇଥିଲା। ଏପରିକି କିଛି ସମୟ ପାଇଁ ଟ୍ରାଫିକ ଜାମ ପରିସ୍ଥିତି ଉପୁଜିଥିଲା। ନାମାଙ୍କନ ପତ୍ର ଦାଖଲ କରିବାର ମଙ୍ଗଳବାର ଶେଷ ଦିବସ ଥିବାରୁ ବିଜେଡି ପ୍ରାର୍ଥୀମାନେ ଦଳବଳ ଧରି ଶକ୍ତି ପ୍ରଦର୍ଶନ କରି ନାମାଙ୍କନ ଭରିଛନ୍ତି। ଡା. ଦେବାଶିଷ ମାର୍ଣ୍ଡି ଓ ରାଇସେନ ମୁର୍ମୁ ପ୍ରସ୍ତାବକ ଓ ସମର୍ଥକଙ୍କୁ ନେଇ ରିଟର୍ଣ୍ଣିଂ ଅଫିସର ତଥା ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର ଓ ଉପ ଜିଲ୍ଲାପାଳ ସରୋଜ କୁମାର ଦାଶଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନିଜ ରାଶି ନକ୍ଷତ୍ରକୁ ଗଣନା କରି ଶୁଭ ଲଗ୍ନ ଅନୁଯାୟୀ ପୂର୍ବରୁ ସେମାନେ ଔପଚାରିକ ପ୍ରାର୍ଥିପତ୍ର ଦାଖଲ କରିସାରିଥିବା ବେଳେ ମଙ୍ଗଳବାର ଦଳ ପକ୍ଷରୁ କର୍ମକର୍ତ୍ତା, କର୍ମୀ ଓ ସମର୍ଥକଙ୍କ ସହିତ ଗୋଟିଏ ଦଳୀୟ ରାଲିରେ ଆସି ଚୂଡ଼ାନ୍ତ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଶୋଭାଯାତ୍ରା ପାଇଁ ରାସ୍ତା ଲୋକାରଣ୍ୟ ହୋଇପଡ଼ିଥିବା ବେଳେ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟ ଗୁଡ଼ିକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ବ୍ୟାରିକେଟିଂ ସହିତ ପର୍ଯ୍ୟାପ୍ତ ପୁଲିସ ମୁତୟନ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ନିର୍ବାଚନ କମିଶନଙ୍କ ପକ୍ଷରୁ ନିୟୋଜିତ ପର୍ଯ୍ୟବେକ୍ଷକ ନିର୍ବାଚନ ମଣ୍ଡଳୀୱାରୀ ପ୍ରାର୍ଥୀମାନଙ୍କ ଖର୍ଚ୍ଚ ସମ୍ବନ୍ଧୀୟ ତଥ୍ୟ ଫଟୋ ଓ ଭିଡିଓ ମାଧ୍ୟମରେ ସଂଗ୍ରହ କରିଛନ୍ତି। ସୂଚନାଯୋଗ୍ୟ ଯେ, ୧୪ ତାରିଖ ପ୍ରାର୍ଥିପତ୍ର ଦାଖଲ ଶେଷ ପରେ ୧୫ରେ ଯାଞ୍ଚ, ୧୭ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ସହିତ ଚୁଡାନ୍ତ ତାଲିକା ପ୍ରକାଶ ପାଇବ। ମେ ୨୯ ତାରିଖ ପର୍ଯ୍ୟନ୍ତ ପ୍ରଚାର ସମୟ ଥିବା ବେଳେ ଜୁନ ୧ରେ ନିର୍ବାଚନ ଓ ୪ ତାରିଖରେ ଭୋଟଗଣତି ସହ ଫଳାଫଳ ଘୋଷଣା ହେବ। ଶୋଭାଯାତ୍ରାରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଏବଂ ସଂଖ୍ୟାଲଘୁ ବିଭାଗର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ମୟୂରଭଞ୍ଜ-୨ ଜିଲ୍ଲା ସଭାପତି କାଶୀନାଥ ହେମ୍ବ୍ରମ, ରାଇରଙ୍ଗପୁର ନଗରପାଳ ଅଭିଷେକ ପଟ୍ଟନାୟକ, ଉପନଗରପାଳ ମମିତା ଚୌଧୁରୀ, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ସଂଯୋଜିକା ତଥା ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ସଂଯୋଜକ ପ୍ରଫୁଲ୍ଲ ସିଂ, ତନୁଜା ମହାନ୍ତ, ବିଜୁ ଯୁବ ଜନତା ଦଳର ସଭାପତି ଅରୁଣ ବରାଡ, ବିଜୁ ଛାତ୍ର ଜନତା ଦଳର ସଭାପତି ସୁନିଲ କୁମାର ନାୟକ ସମେତ ସମସ୍ତ ବ୍ଲକ ଅଧକ୍ଷ, ଉପାଧକ୍ଷ ଓ ୱାର୍ଡ କାଉନସିଲର ସମେତ ହଜାର ହଜାର ଦଳୀୟ କର୍ମୀ ଉପସ୍ଥିତ ଥିଲେ।







## ନିର୍ବାଚନ ଡ୍ୟୁଟିରୁ ୨୨ଟି ହାଇସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀ ବାଦ୍ ପଡ଼ିବା ପ୍ରସଙ୍ଗ

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କାରଣଦର୍ଶାଅ ନୋଟିସ୍

**ବାରିପଦା, ୧୪।୫(ସମିସ)**

ଆଗାମୀ ନିର୍ବାଚନକୁ ଅବାଧ ଏବଂ ତ୍ରୁଟିଶୂନ୍ୟ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନର ପ୍ରୟାସ ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ କର୍ମଚାରୀଙ୍କୁ ନିର୍ବାଚନୀ ପ୍ରକ୍ରିୟାରେ ଜଡିତ କରାଯାଉଛି; କିନ୍ତୁ ମୟୂରଭଞ୍ଜ ଜିଲ୍ଲାର ୨୨ଟି ହାଇସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଏହି ମହାନ୍ କାର୍ଯ୍ୟରେ ନିୟୋଜିତ କରାଯାଇନାହିଁ; ଯାହାକୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଜିଲ୍ଲାରେ ମୟୂରଭଞ୍ଜ ଲୋକସଭା ଏବଂ ୭ଟି ବିଧାନସଭା, କେନ୍ଦୁଝର ଲୋକସଭା ଅଧୀନ କରଞ୍ଜିଆ ଓ ବାଲେଶ୍ୱର ଲୋକସଭା ଅଧୀନ ବଡ଼ସାହି ନିର୍ବାଚନ ମଣ୍ଡଳୀର ନିର୍ବାଚନ ପରିଚାଳନା ପାଇଁ ୧୭ ହଜାରରୁ ଊର୍ଦ୍ଧ୍ୱ ଅଧିକାରୀ/କର୍ମଚାରୀ ଆବଶ୍ୟକ। ଏଥିପାଇଁ ୨/୩ ମାସ ପୂର୍ବରୁ ସମସ୍ତ ବିଭାଗର ମୁଖ୍ୟଙ୍କ ଜରିଆରେ ତାଙ୍କ ଅଧନସ୍ଥ କର୍ମଚାରୀଙ୍କ ତାଲିକା ସଂଗ୍ରହ କରାଯାଇ ସେମାନଙ୍କୁ ନିର୍ବାଚନ ପରିଚାଳନାରେ ସାମିଲ କରାଯାଇ ତାଲିମ ମଧ୍ୟ ଦିଆସରିଲାଣି। ମାତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଜିଲ୍ଲାର ୨୨ଟି ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ନିର୍ବାଚନ ପରିଚାଳନା ପାଇଁ ନିୟୋଜିତ କରିନାହାନ୍ତି। ସେହି ବିଦ୍ୟାଳୟଗୁଡିକ ହେଲା ଖଡ଼ମବେଡା ଉଚ୍ଚ ବିଦ୍ୟାଳୟ, ଖଣ୍ଡବନ୍ଧ ଉଚ୍ଚ ବିଦ୍ୟାଳୟ, ମା' କୀଚକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ପେଡ଼ାଗଡ଼ି ବାଳିକା ଉଚ୍ଚ ବିଦ୍ୟାଳୟ, ସବିତା ହେମ୍ବ୍ରମ ବାଳିକା ଉଚ୍ଚ ବିଦ୍ୟାଳୟ, ସନାତନ ସୁରା ଭାରତୀ ସଂସ୍କୃତ ବିଦ୍ୟାଳୟ, ଶଙ୍ଖାଭଙ୍ଗା ଉଚ୍ଚ ବିଦ୍ୟାଳୟ, ସିନ୍ଦୁରଗୌରା ପଞ୍ଚାୟତ ଉଚ୍ଚବିଦ୍ୟାଳୟ, ବରିଆ ଆଦିବାସୀ ଉଚ୍ଚ ବିଦ୍ୟାଳୟ, ଆହାରବନ୍ଧ ଉଚ୍ଚ ବିଦ୍ୟାଳୟ, ଭୋଳାନାଥ ସଂସ୍କୃତ ବିଦ୍ୟାଳୟ, ଚିକଟାମାଟିଆ ଉଚ୍ଚ ବିଦ୍ୟାଳୟ, ଗୌରୁମହିଷାଣି ଉଚ୍ଚ ବିଦ୍ୟାଳୟ, ମାଧପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ବଣିଆବସା ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିମୁଣ୍ଡୁଲି ସରକାରୀ ଉଚ୍ଚ ବିଦ୍ୟାଳୟ, ତଳପଟି ଉଚ୍ଚ ବିଦ୍ୟାଳୟ, ଚାନୂଆ ପଞ୍ଚାୟତ ସମିତି ବିଦ୍ୟାଳୟ, ବାସିପିଠା ସରକାରୀ ଉଚ୍ଚ ବିଦ୍ୟାଳୟ, ଗୌଡଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଜାନକୀଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ। ଜିଲ୍ଲା ଶିକ୍ଷା ଅଧିକାରୀ ତଥ୍ୟ ଗୋପନ ରଖିବା ତଥା ନିର୍ବାଚନ ପରିଚାଳନାରେ ଖିଲାପ କରିବା ଭଳି ଅଭିଯୋଗରେ ଜିଲ୍ଲାପାଳ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏତେ ଗୁଡ଼ିଏ ହାଇସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିୟୋଜିତ କରା ନ ଯିବା ସନ୍ତୋଷ ଜନକ ଉତ୍ତର ଶିକ୍ଷା ଅଧିକାରୀ ପ୍ରଦାନ କରିବା କଷ୍ଟକର ହେବ। ଏଣୁ ତାଙ୍କ ବିରୋଧରେ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ବୋଲି ଆଶା କରାଯାଉଛି। ଏ ନେଇ ରିପ୍ରେଜେଣ୍ଟେସନ ଅଫ ପିପୁଲ୍ସ ଆକ୍ଟ ୧୯୫୧ମୁତାବକ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ବୋଲି କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ତାଙ୍କ କାର୍ଯ୍ୟାଳୟରେ ଆଡମିନିଷ୍ଟ୍ରେସନ ଦାୟିତ୍ୱରେ ଥିବା ଜିଲ୍ଲା ସହକାରୀ ଶିକ୍ଷା ଅଧିକାରୀ ଏବଂ ସମ୍ପୃକ୍ତ ୨୨ଟି ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇଛନ୍ତି। ଉତ୍ତର ମିଳିଲା ପରେ ଯଦି ସନ୍ତୋଷ ଜନକ ନ ହୁଏ ତେବେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ କହିଛନ୍ତି।

**ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଉଲ୍ଲଙ୍ଘନ**

## ଚୈତ୍ରପର୍ବ ଉଦ୍‌ଯାପିତ: ଉଡ଼ା ପଡ଼ିଆ ଲୋକାରଣ୍ୟ



**ମୋରଡ଼ା, ୧୪।୫(ସମିସ):** ମୋରଡ଼ା ବ୍ଲକର ଶ୍ରୀ ଶ୍ରୀ ଚିତ୍ରେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବହୁ କାଳରୁ ପାରମ୍ପରିକ ରୀତିନୀତି ଅନୁସାରେ ପାଳିତ ହୋଇ ଆସୁଛି ଘଟ, ପାଟ, ଆସ୍ଥାର ପ୍ରତୀକ ପ୍ରସିଦ୍ଧ ଚୈତ୍ରପର୍ବ ବା ଉଡାପର୍ବ। ଏହି ଅବସରରେ ଚିତ୍ରଡା ଉତ୍ସବ ମୁଖର ହୋଇଉଠିଛି। ଏହି ପର୍ବ ପାଇଁ ବାବା ଚିତ୍ରେଶ୍ୱର ମହାଦେବଙ୍କ ମନ୍ଦିରକୁ ଫୁଲରେ ସୁସଜ୍ଜିତ କରାଯାଇଛି। ଲକ୍ଷାଧିକ ଜନସମାଗମ ମଧ୍ୟରେ ପାଳିତ ହେଉଥିବା ମହାଦେବଙ୍କ ମନ୍ଦିର, ଉଡା ପଡ଼ିଆ, ଭକ୍ତାଘାଟ ଆଦି ସ୍ଥାନରେ ଲୋକଙ୍କ ଭିଡ ଦେଖିବାକୁ ମିଳୁଛି। ପ୍ରତ୍ୟେକ ବର୍ଷ ମେ ମାସ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଥାଏ। ପ୍ରଥମ ଦିବସରେ ଦଣ୍ଡପାଟ ହୋଉଥିବା ବେଳେ ବେଳେ ୧୨ ତାରିଖ ଦ୍ୱିତୀୟ ଦିନ କଣ୍ଟାପାଟ, ୧୩ ତାରିଖ ତଥା ତୃତୀୟ ଦିବସରେ ନିଆଁପାଟ ସହିତ ମଧ୍ୟରାତ୍ରିରେ ନିଶାଘଟକୁ ଧୁମଧାମରେ ଅଞ୍ଚଳବାସୀ ଭକ୍ତାଘାଟ ନିକଟରୁ ନାଚି ନାଚି ବାଣଫୁଟାଇ ମନ୍ଦିରକୁ ଆଣିଥିଲେ। ଆଜି ମହାସମାରୋହରେ ଉଡାପର୍ବ ଅବସରରେ ସ୍ଥାନୀୟ ବାବା ଚିତ୍ରେଶ୍ୱର ମହାଦେବଙ୍କ ମନ୍ଦିରରେ ଚିତ୍ରଡା ପଞ୍ଚାୟତ ତରଫରୁ ବ୍ୟାପକ ପ୍ରସ୍ତୁତ ହୋଇଥିଲା। ଆଜି ଅପରାହ୍ନରେ ମାନସିକଧାରୀ ଭକ୍ତାମାନେ ମାର୍କେଟ ସାହି ନିକଟରେ ଥିବା ଭକ୍ତାଘାଟରୁ ସ୍ନାନ କରି ନବବସ୍ତ୍ର ପରିଧାନ କରି ପାରମ୍ପାରିକ ରୀତିନୀତି ଅନୁସାରେ ଘାଟ ନିକଟରେ ସମବେତ ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ସମଗ୍ର ଗାଧୁଆ ତୁଠ ଟି ବାଦ୍ୟ ଓ ଦେବ ଦେବ ମହାଦେବ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ପରେ ଉଡା ପଡ଼ିଆରେ ସୁଉଚ୍ଚ ଖୁଣ୍ଟରେ ଅଣ୍ଟାରେ ଦଉଡି ବାନ୍ଧି ଉଡିବା ଦୃଶ୍ୟ ଲୋକଙ୍କୁ ଆକର୍ଷିତ କରିଥିଲା। ଚଳିତ ବର୍ଷ ସୁଚାରୁ ରୂପେ ଶାନ୍ତିଶୃଙ୍ଖଳାର ସହ ଉଡାପର୍ବ ପାଳନ ପାଇଁ ଚିତ୍ରଡା ପଞ୍ଚାୟତର ସରପଞ୍ଚ ବାଳକ ମାରାଣ୍ଡି, ମୃତ୍ୟୁଞ୍ଜୟ ବେହେରା ପମୁଖ ପରିଚାଳନା କରିଥିଲେ।

# ନାରଦପୁରରେ ପ୍ରଚାର କଲେ ମୀନା ମାଝୀ



**ନାରଦପୁର,୧୪।୫(ସମିସ):** ସଦର ନିର୍ବାଚନ ମଣ୍ଡଳୀ ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ଆଜି ବିଜେଡି ପ୍ରାର୍ଥିନୀ ମୀନା ମାଝୀ କର୍ମୀଙ୍କ ଗହଣରେ ବିରାଟ ର୍‍ୟାଲି କରାଯାଇ ଦମଦାର ପ୍ରଚାର ଦେଖାଇଛନ୍ତି। ଏହି ର୍‍ୟାଲିରେ ବିଶେଷ କରି ମହିଳା ସମର୍ଥକମାନେ ସ୍ଥାନୀୟ ଆଙ୍ଗୁଳିଆ ଗ୍ରାମରୁ ର୍‍ୟାଲି ଆରମ୍ଭ କରି ନାରଦପୁରରେ ଶେଷ କରାଯାଇଥିଲା। ଏଥିରେ ଉକ୍ତ ବ୍ଲକର ଖେଣ୍ଡରା, ନିଶ୍ଚିନ୍ତପୁର, ଗୁମୁରା, ନାରଦପୁର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ର୍‍ୟାଲି କରାଯାଇଥିବା ଜଣାପଡିଛି। ଏହି ପ୍ରଚାରରେ ଶତାଧିକ ବିଜେଡି କର୍ମୀ ମାନେ ଉପସ୍ଥିତ ରହି ଗାଁ ପରିକ୍ରମା କରିଥିଲେ। ଏହି ର୍‍ୟାଲିରେ ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ କୁମାର ବେହେରା, ବ୍ଲକ ସଭାପତି କପିଳ ଆନସାରୀ, ଜିଲ୍ଲା ପରିଷଦ କ୍ଷୀରୋଦୀନି ମହାକୁଡ, ପୂର୍ବତନ ଜିଲ୍ଲା ପରିଷଦ ବାବୁରାମ ନାଏକ, ବରିଷ୍ଠ କର୍ମୀ ଦାଶରଥି ବାରିକ, ନାରଦପୁର ସମିତିସଭ୍ୟ ଅଯୋଧ୍ୟା ନାଏକ, ସରପଞ୍ଚ ହେମନ୍ତୀ ମୁଦି, ଅଖିଳ ଚନ୍ଦ୍ର ବାରିକ, ପଟେଲ ଚନ୍ଦ୍ର ବାରିକ, ବିରଞ୍ଚି ବାରିକ, ବାବାଜୀ ଚରଣ ବାରିକ ପ୍ରମୁଖ ସାମିଲ ରହିଥିଲେ।

# ୭୬ ଜଣ ବୟସ୍କ ଓ ଦିବ୍ୟାଙ୍ଗ ଭୋଟର

## ● ଆଜିଠାରୁ ଗୃହରେ ମତଦାନ ଆରମ୍ଭ

**ଆନନ୍ଦପୁର, ୧୪।୫(ସମିସ):** ଚଳିତ ସାଧାରଣ ନିର୍ବାଚନରେ ସମସ୍ତ ଭୋଟର ମତଦାନ କରିବା ପାଇଁ ଆବଶ୍ୟକୀୟ ସୁବିଧାସୁଯୋଗ ଯୋଗାଇ ଦେବାକୁ ନିର୍ବାଚନର କମିଶନରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଆଜିଠାରୁ ଗୃହରେ ମତଦାନ ଆରମ୍ଭ ହୋଇଛି। ଏହି କ୍ରମରେ ସମସ୍ତ ବୟସ୍କ ଓ ଦିବ୍ୟାଙ୍ଗ ଭୋଟରମାନଙ୍କ ଘରେ ପହଂଚି ମତଦାନ କରାଇବା ପାଇଁ ପ୍ରଶାସନ ପକ୍ଷରୁ ହୋଇଥିବା ବ୍ୟବସ୍ଥା ଆଜିଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଆନନ୍ଦପୁର ନିର୍ବାଚନ ମଣ୍ଡଳୀରୁ ୪୪ ଜଣ ଓ ଘସିପୁରା ନିର୍ବାଚନ ମଣ୍ଡଳୀରୁ ୩୨ ଜଣ ମୋଟ ୭୬ ଜଣ ବୟସ୍କ ଓ ଦିବ୍ୟାଙ୍ଗ ଭୋଟର ୧୨ ଡି ଫର୍ମରେ ଆବେଦନ କରିଥିଲେ। ଆଜିଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ମତଦାନ ପ୍ରକ୍ରିୟା ଜାରି ରହିବ ବୋଲି ଆନନ୍ଦପୁର ନିର୍ବାଚନ ଅଧିକାରୀ ଫାଲଗୁନୀ ମାଝୀଙ୍କ ଠାରୁ ସୂଚନା ମିଳିଛି। ମତଦାନ କେନ୍ଦ୍ର ପରି ଏହି ଭୋଟରଙ୍କ ଗୃହରେ ପ୍ରଶାସନ ପକ୍ଷରୁ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ବିଏଲଓ ଏବଂ ପୁଲିଂ ପାର୍ଟି ଆଜି ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଫକୀରପୁର, ପଦ୍ମପୁର ଅଞ୍ଚଳରେ ପହଞ୍ଚି ୩୧ ଜଣ ଭୋଟରଙ୍କ ମତଦାନ କରାଇଥିବା ଜଣାଯାଇଛି।

# କୁନି ପିଲାଙ୍କ ସାହାରାରେ ବିଜେପିର ପ୍ରଚାର



**ବଡ଼ବିଲ, ୧୪।୫(ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରଚାର ଏବେ ସରଗରମ ହେବାକୁ ଲାଗିଛି। ଗୋଟିଏ ପଟେ ଶାସକ ବିଜେଡି ଦଳର ପ୍ରାର୍ଥୀ ସନାତନ ମହାକୁଡ଼ଙ୍କ ମାରାଥନ ପ୍ରଚାର ଅଞ୍ଚଳରେ ଚାଲିଥିବା ବେଳେ ,ଆଜି ବଡ଼ବିଲଠାରେ ବିଜେପି ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମା ନିର୍ବାଚନ ପ୍ରଚାର କରିଥିବା ଜଣାପଡ଼ିଛି। ତେବେ ନିର୍ବାଚନ ଅଧିକାରୀଙ୍କ ନିୟମକୁ ନ ମାନି କୁନି କୁନି ପିଲାଙ୍କୁ ନେଇ ପ୍ରଚାର ଓ ପରିବହନ ବିଭାଗ ନିୟମ ନ ମାନି ବିନା ହେଲମେଟରେ ବାଇକ୍ ରାଲି କରାଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ବିଜେପି ପ୍ରାର୍ଥୀ ଆଜି ବଡ଼ବିଲ କାର୍ଯ୍ୟାଳୟରୁ ତାଙ୍କର ପ୍ରଚାରରେ ବାହାରି ବାଟା ଛକ, ମହାନ୍ତ ବସ୍ତି, ଭୋଲା ଗ୍ୟାରେଜ ହୋଇ ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ଷ୍ଟେସନ ରୋଡ଼, ଚଟେଇ ହଟିଂ, ମାଟକାମବେଡା, କିରିବୁରୁ ଛକ ଠାରୁ ବଡ଼ବିଲ ସହର ହୋଇ ଠାକୁରାଣୀ, ବେଲକୁଣ୍ଡି, କାରା ହୋଇ ବଡ଼ବିଲ ଫେରିଥିଲେ।

# ଖଣ୍ଡିଦେଉଳିରେ ବାଦିପାଲା ସମାରୋହ

**ଆନନ୍ଦପୁର,୧୪।୫(ସମିସ):** ସ୍ଥାନୀୟ ମଦନପୁର ପନଚାୟତର ଖଣ୍ଡିଦେଉଳି ଗ୍ରାମରେ ପ୍ରତିବର୍ଷ ପରି ଚଳିତ ବର୍ଷ ବାଦିପାଲା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ମା' ଖଣ୍ଡୁଳେଇ ସତ୍ୟନାରାୟଣ ପାଲା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ବାଦିପାଲା ସମାରୋହରେ ଗାୟକ ଡ. ଧୀରେନ ମହାନ୍ତି ଓ ଗାୟକ ଦୁଷ୍ମନ୍ତ ମହାନ୍ତି ପ୍ରତିଦିନ ସନ୍ଧ୍ୟାରେ ମନବୋଧ ଚଉତିଶା, ନୀତିଶିକ୍ଷା ଓ ପଥଭ୍ରଷ୍ଟ ଯୁବପିଢିଙ୍କୁ ଆଧ୍ୟାତ୍ମିକ ସ୍ରୋତରେ ସାମିଲ କରାଇ ଏକ ସଂସ୍କାରମୂଳକ ଭବିଷ୍ୟତ ପିଢି ଗଠନ କରିବା ପାଇଁ ପାଲା ମାଧ୍ୟମରେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ କମିଟିର କର୍ମକର୍ତା ଓ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

# ୧୦ ସଖୀ ବୁଥ୍‌ରେ ମତଦାନ କରିବେ ଭୋଟର

**ତୁରୁମୁଙ୍ଗା,୧୪।୫(ସମିସ):** ଚଳିତ ନିର୍ବାଚନରେ ପାଟଣା ନିର୍ବାଚନ ମଣ୍ଡଳୀ ରଣଭୂମିରେ ୧୦ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ତିନି ପ୍ରମୁଖ ଦଳ ମଧ୍ୟରୁ ବିଜେପି ପକ୍ଷରୁ ଅଖିଳ ଚନ୍ଦ୍ର ନାଏକ, ବିଜେଡି ପକ୍ଷରୁ ଜଗନ୍ନାଥ ନାଏକ ଏବଂ କଂଗ୍ରେସ ପକ୍ଷରୁ ହୃଷୀକେଶ ନାଏକ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବେଳେ ବହୁଜନ ସମାଜ ପାର୍ଟି ପକ୍ଷରୁ ଦୁର୍ଲ୍ଲଭ ନାଏକ, ମାନସ ଲୋକଶକ୍ତି ଦଳ ପକ୍ଷରୁ ଧନେଶ୍ୱର ମୁଣ୍ଡାରୀ, କମ୍ୟୁନିଷ୍ଟ ଦଳ ପକ୍ଷରୁ ବେଣୁଧର ସର୍ଦ୍ଦାର, ସ୍ୱାଧୀନ ପ୍ରାର୍ଥୀ ଭାବରେ ଅନିରୁଦ୍ଧ ନାଏକ, ଦଉ ମୁଣ୍ଡା, ଦୀପକ କୁମାର ନାଏକ ଓ ଲୋକନାଥ ନାଏକ ପ୍ରାର୍ଥୀ ହୋଇଛନ୍ତି। ପାଟଣା ନିର୍ବାଚନ ମଣ୍ଡଳୀର ପାଟଣା, ସାହାରପଡା, ଚମ୍ପୁଆ, ଝୁମ୍ପୁରା ବ୍ଲକର ୫୬ଟି ପଞ୍ଚାୟତର ୨୭୩ଟି ବୁଥରେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ୨ ଲକ୍ଷ ୧୪ ହଜାର ୨୪ ଭୋଟର ନେତାଙ୍କ ଭାଗ୍ୟ ପରୀକ୍ଷା ପାଇଁ ଭୋଟ ଦେବେ। ତେବେ ମହିଳା ଭୋଟରଙ୍କ ପାଇଁ ନିର୍ବାଚନ ମଣ୍ଡଳୀରେ ୧୦ଟି ସଖୀ ବୁଥ କରାଯାଇଛି।

# ବାଇକ୍ - ସ୍କୁଟି ଧକ୍କାରେ ଦୁଇ ମୃତ; ୩ ଗୁରୁତର

**ତୁରୁମୁଙ୍ଗା/ପାଟଣା,୧୪।୫ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥ ଢେଙ୍କିକୋଟ ଫାଣ୍ଡି କପାସପଡା ନିକଟରେ ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ଦୁର୍ଘଟଣା ପରେ ସମସ୍ତଙ୍କୁ ଉଦ୍ଧାର କରି ପାଟଣା ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଛନ୍ତି। ମୃତକ ହେଲେ ପାଟଣା ବ୍ଲକ ତୋଣ୍ଡ ଗ୍ରାମର ମିତ୍ରଭାନୁ ବେହେରା (୪୪) ଏବଂ ପଣ୍ଡାପଡ଼ା ଥାନା କାଣ୍ଡସର ଗ୍ରାମର ଯଦୁ ମୁଣ୍ଡା (୨୬)। ଗୁରୁତର ୩ ଜଣ ହେଲେ ଷଡ଼ଙ୍ଗବାହାଳି ଗ୍ରାମର ଗୋପବନ୍ଧୁ ମୁଣ୍ଡା ଓ ଭବାନୀ ମୁଣ୍ଡା ତଣ୍ଡ ଗ୍ରାମର ସୁଲେଖା ବେହେରା।

ପ୍ରକାଶ ମିତ୍ରଭାନୁ ବେହେରା ଓ ତାଙ୍କ ସ୍ତ୍ରୀ ସୁଲେଖା ବେହେରା ଏକ ବାଇକ୍‌ରେ ଢେଙ୍କିକୋଟ ଅଭିମୁଖେ ଯାଉଥିବା ବେଳେ ଅନ୍ୟ ଏକ ସ୍କୁଟିରେ ପଣ୍ଡାପଡା ଥାନା କାଣ୍ଡସର ଗ୍ରାମର ଯଦୁ ମୁଣ୍ଡା ତାଙ୍କ ଶଳା ଷଡ଼ଙ୍ଗବାହାଳି ଗ୍ରାମର ଗୋପବନ୍ଧୁ ମୁଣ୍ଡା ଓ ତାଙ୍କ ଶଳା ଭାଉଜ ଭବାନୀ ମୁଣ୍ଡା ମିଶି ଢେଙ୍କିକୋଟ ପଟୁ ପାଟଣା ଆଡକୁ ଆସୁଥିଲେ। କପାସପଡ଼ା ନିକଟରେ ଏକ ଯାତ୍ରୀବାହୀ ବସ୍‌କୁ ଓଭରଟେକ କରିବାକୁ ଉଦ୍ୟମ କରି ଉଭୟ ସ୍କୁଟି ଓ ବାଇ୍ ଆରୋହୀ ମୁହାଁମୁହିଁ ହୋଇଥିଲେ। ଘଟଣା ସ୍ଥଳରୁ ଗୁରୁତର ଅବସ୍ଥାରେ ସେମାନଙ୍କୁ ପାଟଣା ଡାକ୍ତରଖାନାକୁ ଅଣାଯାଇଥିଲା। ତେବେ ଡାକ୍ତରଖାନା ମିତ୍ରଭାନୁ ଓ ଯଦୁ ମୁଣ୍ଡାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏ ନେଇ ଘଟଗାଁ ଥାନାରେ କେସ୍ ନଂ ୨୦୯ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଏସଆଇ ତ୍ରିନାଥ ନାଏକ ପ୍ରକାଶ କରିଛନ୍ତି। ସମସ୍ତ ଆହତଙ୍କୁ ପାଟଣା ମେଡିକାଲରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# କେଶଦୁରାପାଳରେ ବିଜେଡିର ମହାସମାବେଶ



**ଆନନ୍ଦପୁର,୧୪।୫(ସମିସ):** ଘସିପୁରା ନିର୍ବାଚନମଣ୍ଡଳୀର କେଶଦୁରାପାଳଠାରେ ବିଜୁ ଜନତା ଦଳର ଏକ ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମାନସୀ ମହାରଣାଙ୍କ ସଂଯୋଜନାରେ ବିଜେଡି ଯୁବନେତା ଦେବାଶିଷ ପାତ୍ର ଯୋଗ ଦେଇ ବିଜୁ ଜନତା ଦଳର ବିକାଶମୂଳକ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ପରିବାର ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ବିଜେଡି ନେତା ପର୍ଶୁରାମ ମହାରଣା, ହରିହର ମିଶ୍ର, ବିଶ୍ୱନାଥ ମହାରଣା ପ୍ରମୁଖ ଯୋଗ ଦେଇ ଦଳୀୟ ନେତୃବୃନ୍ଦ ଓ କର୍ମୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଚିନ୍ତାମଣି ସୁତାର, ଭିକାରୀ ବିନ୍ଧାଣୀ, ଅକ୍ଷୟ ସାହୁ, ଦେବଦତ ନାୟକ, କୁନ୍ତଳା ମହାରଣା, କୃଷ୍ଣଚନ୍ଦ୍ର ବିନ୍ଧାଣୀ, ନୀଳମଣି ଓଝା, ଅଭିମନ୍ୟୁ ଓଝା, ବିଶ୍ୱନାଥ ଓଝା, ଶାନ୍ତନୁ ଓଝା, ରମା ଜେନା, ବିପିନି ବିହାରୀ ପାତ୍ର, ପ୍ରାଣବନ୍ଧୁ ପରିଡା, ଗଣେଶ୍ୱର ମହାଳିକ, ଆଶୁତୋଷ ସେଠୀ, ବସନ୍ତ ମହାରଣା, ସଲୀଳ ଆଚାର୍ଯ୍ୟ, ଜଗନ୍ନାଥ ଓଝା, ବାବୁଲି ଜେନା, ଟୁକୁନୁ ଓଝା, ମହେଶ୍ୱର ଓଝା, ରବିନ୍ଦ୍ର ବିନ୍ଧାଣୀ, ନିର୍ମଳ ଆଚାର୍ଯ୍ୟ, ଫକୀର ପାତ୍ର, ସୁରେନ୍ଦ୍ର ଦିଆଣି, ଜିତେନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ସାହାରପଡ଼ାର ୫ ପଞ୍ଚାୟତରେ ବିଜେଡିର ନିର୍ବାଚନୀ ସଭା




**ପାଟଣା/ତୁରୁମୁଙ୍ଗା, ୧୪।୫(ସମିସ):** ବିଜୁ ଜନତା ଦଳ ପକ୍ଷରୁ କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀର ସାହାରପଡା ବ୍ଲକ ଅନ୍ତର୍ଗତ କପୁଣ୍ଡି ଗ୍ରାମପଞ୍ଚାୟତରେ ପଞ୍ଚାୟତସ୍ତରୀୟ ନିର୍ବାଚନ ସଭା ଅନୁଷ୍ଠିତ ହୋଇଯାଇଛି। ପାଟଣା ନିର୍ବାଚନ ମଣ୍ଡଳୀ ଛାତ୍ର ବିଜେଡି ସଂଯୋଜକ ତଥା ଜିଲ୍ଲା ଉପସଭାପତି ବିପ୍ଲବ କୁମାର ପୃଷ୍ଟିଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ଯୋଗ ଦେଇ ଆଗାମୀ ନିର୍ବାଚନରେ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼, ବରିଷ୍ଠ ନେତା ତଥା ଆଇନଜୀବୀ ରାହାସ ବିହାରୀ ପୃଷ୍ଟି, ସାହାରପଡା ବ୍ଲକ ପର୍ଯ୍ୟବେକ୍ଷକ ପ୍ରଶାନ୍ତ ଭଞ୍ଜ, କପୁଣ୍ଡି ସରପଞ୍ଚ ଅନିତା କୁଶୁମୁଳିଆ, ସମିତି ସଭ୍ୟ ବିଜୟ କୁମାର ପଇଦା, ପଞ୍ଚାୟତ ପର୍ଯ୍ୟବେକ୍ଷକ ହୃଦାନନ୍ଦ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ସାହାରପଡା ବ୍ଲକ ଅନ୍ତର୍ଗତ ଉଦୟପୁର, ସିଲିପଦା, ତେଣ୍ଡରା, ବଡବିଲ ଗ୍ରାମପଞ୍ଚାୟତରେ ମଧ୍ୟ ନିର୍ବାଚନୀ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ଯୋଗ ଦେଇ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ।

# ଏନ୍‌ଏସିରେ ସନାଙ୍କ ପ୍ରଚାର ଜୋରଦାର



**ଚମ୍ପୁଆ,୧୪।୫(ସମିସ):** ଚମ୍ପୁଆ ବିଜେଡି ପ୍ରାର୍ଥୀ ସନାତନ ମହାକୁଡ଼ ଏନ୍‌ଏସିର ପ୍ରତ୍ୟେକ ୱାର୍ଡରେ ନିର୍ବାଚନ ପ୍ରଚାର କରିଛନ୍ତି। ଏନ୍‌ଏସିର ରାମଲା, ପାଞ୍ଚପୋଖରିଆ, ଗୋଧୂଳି, ମୁସଲିମ ବସ୍ତିର ତିନୋଟି ୱାର୍ଡ, ବାରିକ ସାହି, ଗଉଡ଼ ସାହି, ବ୍ରାହ୍ମଣ ଶାସନ, ମନ୍ଦିର ସାହି, ତେଲି ସାହି ଆଦି ପ୍ରତ୍ୟେକ ୱାର୍ଡରେ ଘର ଘର ବୁଲି ଭୋଟ ନିବେଦନ କରିଥିଲେ। ବିଜେଡି ସରକାରଙ୍କ ଜନହିତକର ଯୋଜନା ଗୁଡିକ ପ୍ରତ୍ୟେକ ଲୋକମାନଙ୍କ ପାଖରେ ପହଞ୍ଚିଛି। ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସ୍ଥାନୀୟ ଏନ୍‌ଏସିର ପ୍ରତ୍ୟେକ ୱାର୍ଡରେ ଶିକ୍ଷା, ରାସ୍ତା ଘାଟ, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ଭତ୍ତା, ଆବାସ ଯୋଜନାରେ ବହୁ ହିତାଧିକାରୀ ଉପକୃତ ହୋଇଛନ୍ତି। ଅବଶିଷ୍ଟ ଅଧୁରା କାମ ଯେତେ ଅଛି ନିଶ୍ଚିତ ପୂରଣ କରିବେ ବୋଲି ବିଧାୟିକ ପ୍ରାର୍ଥୀ ସନାତନ ମହାକୁଡ ଦୃଢ଼ତାର ସହ କହିଥିଲେ। ଏ ଅଞ୍ଚଳରେ ବିକାଶର ଧାରା ଆଗେଇ ଚାଲିଛି, ଆପଣମାନଙ୍କ ଆଶୀର୍ବାଦ ରହିଲେ, ଆଗକୁ ଏହି ଧାରାକୁ ତ୍ୱରାନ୍ୱିତ କରାଯିବା ବୋଲି ଦମ୍ଭର ସହ କହିଥିଲେ। ଏହି ଶୋଭାଯାତ୍ରାରେ ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଧୁ, ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଏନ୍‌ଏସି ଅଧକ୍ଷ ଗିରିଜା ଶଙ୍କର ସାହୁ, ଜିଲ୍ଲା ସଭାପତି କୁଶ ଆପଟ, ଗଣେଶ ଖିଲାର, ସୁବାସ ରାମ, ବବି ଦାସ, ସତ୍ୟନନ୍ଦ ଖିଲାର, ନେଶାର ହାୟାତ୍ ପ୍ରମୁଖ ଯୋଗଦେଇଥିଲେ।

# ଦୁଇ ବାଇକ୍ ଧକ୍କାରେ ଦୁଇ ଗୁରୁତର

**ରାମଚନ୍ଦ୍ରପୁର,୧୪।୫(ସମିସ):** ୨୦ ନମ୍ବର ଜାତୀୟ ରାଜପଥ ରାମଚନ୍ଦ୍ରପୁର ଛକରେ ଆଜି ମଧ୍ୟାହ୍ନରେ ଦୁଇ ବାଇକ ମଧ୍ୟରେ ମୁହାଁମୂହିଁ ଧକ୍କା ହେବାରୁ ଦୁଇ ଗଣ ଆହାତ ହୋଇ ସ୍ଥାନୀୟ ସାଇଁକୁଳ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ଦୁହିଁଙ୍କୁ କଟକ ସ୍ଥାନାନ୍ତର କରିଛନ୍ତି। ଆହାତ ବ୍ୟକ୍ତିଙ୍କ ସ୍ଥାନୀୟ ଖଳଣା ଗ୍ରାମର ଲିଟୁ ସା(୩୦) ଏବଂ ଛେନାପଦି ଅଞ୍ଚଳର ମାନସ ମହାଳିକ ବୋଲି ଜଣାପଡିଛି। ପ୍ରତ୍ୟେକ୍ଷ ଦର୍ଶିଙ୍କ କହିବା କଥା ଲିଟୁ ସା ବ୍ୟାଙ୍କ ଛକରୁ ଅସାବଧାନତା ବସତଃ ଡିଭାଇଡର ଦେଇ ରାସ୍ତା ପାର ହେଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା।

# ବେଉସାହି ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କୁ କାରଣଦର୍ଶାଅ ନୋଟିସ

**ଆନନ୍ଦପୁର,୧୪।୫(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଉସାହି ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ଆପତ୍ତିଜନକ କାର୍ଯ୍ୟକଳାପକୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତି ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଦାୟୀ ବୋଲି କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ଜଣାଯାଇଛି। ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଏହି ଘଟଣାର ପ୍ରାଥମିକ ତଦନ୍ତ ପରେ ପ୍ରଧାନ ଶିକ୍ଷୟତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାର ସପ୍ତାହେ ବିତି ଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ସନ୍ଦେହ ପ୍ରକଟ ହୋଇଛି। ମିଳିଥିବା ସୂଚନାନୁଯାୟୀ, ଗତ ଏପ୍ରିଲ ୨୫ ତାରିଖଠାରୁ ବିଦ୍ୟାଳୟ ଛୁଟି ହୋଇଥିବା ବେଳେ ଦିନ ପ୍ରାୟ ୧୨ ଘଟିକା ସମୟରେ ବିଦ୍ୟାଳୟ ଶ୍ରେଣୀ ଗୃହରେ ଅଭିଯୁକ୍ତ ଶିକ୍ଷକ ଆପତ୍ତିଜନକ କାର୍ଯ୍ୟକଳାପରେ ବ୍ୟସ୍ତ ଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲିଥିଲା। ଏନେଇ ଅଭିଯୋଗ ହେବାରୁ ଘସିପୁରା ପୁଲିସ ଶିକ୍ଷକଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା। ତେବେ ବିଦ୍ୟାଳୟ ଛୁଟି ଥିବା ବେଳେ ଚାବିକାଠି ଶିକ୍ଷକ ପାଇଲେ କେଉଁଠୁ ଏବଂ ସେହି ବିଦ୍ୟାଳୟରେ ଜଣେ ଆସ୍ୱେୟାର ଶିକ୍ଷୟିତ୍ରୀଙ୍କୁ ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ କରିବା ପାଇଁ କାହାଠାରୁ ଅନୁମତି ନିଆଯାଇଥିଲା ସେନେଇ ତମାମ ପ୍ରଶ୍ନ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ତେବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାରଣଦର୍ଶାଅ ନୋଟିସର ସନ୍ତୋଷଜନକ ଉତ୍ତର ନ ଦେବା ଓ ତାଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ କାହିଁକି ନିଲମ୍ବନ କରାଯାଇନାହିଁ ସେନେଇ ସାଧାରଣରେ ଅଭିଯୋଗ ହୋଇଛି। ଏନେଇ ଆନନ୍ଦପୁର ସହକାରୀ ଶିକ୍ଷାଧିକାରୀ ହେମେନ୍ଦ୍ର କୁମାର ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଖୁବ୍‌ଶୀଘ୍ର ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ● କାଞ୍ଜିପାଣି ଘାଟିରେ ପୁଣି ଦୁର୍ଘଟଣା

# ଅଟୋ ଓଲଟି ୩ ଗୁରୁତର



**ତେଲକୋଇ,୧୪।୫(ସମିସ):** ତେଲକୋଇ କାଞ୍ଜିପାଣି ପୂର୍ତ୍ତ ବିଭାଗ ରାସ୍ତାର କାଞ୍ଜିପାଣି ଘାଟିରେ ଆଜି ପୁଣି ଏକ ଯାତ୍ରୀ ବାହି ଅଟୋ ଦୁର୍ଘଟଣାର ଶୀକାର ହୋଇଛି। ଘାଟିରେ ଅଟୋ ଓଲଟି ତିନି ଜଣ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି।ଗୁରୁତର ମାନେ ହେଲେ କେନ୍ଦୁଝର ପଦ୍ମପୁର ସେଣ୍ଡକାପ ଗ୍ରାମର ମୀନ ମହାନ୍ତ(୪୫), ଜିତେନ୍ଦ୍ର ପତ୍ର (୪୮) ଏବଂ ତୁରୁମୁଙ୍ଗା ଚିଲିଦା ଅଞ୍ଚଳର କ୍ରିଷ୍ଣା ରାଣୀ ମହାନ୍ତ(୫୦)। ଆହତ ହେଲେ ସେଣ୍ଡକାପ ଗ୍ରାମର ଓଜାସ୍ୱିତା ମହାନ୍ତ (୧୫)। ସମସ୍ତଙ୍କୁ ପ୍ରଥମେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯିବା ପରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି। ଗାଡି ଚାଳକ ମଧ୍ୟ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ତେବେ ସୂଚନା ମୁତାବକ ଓଡ଼ି ୦୯ଡି ୯୯୭୫ ନମ୍ବର ବିଶିଷ୍ଟ ଅଟୋରେ ସେଣ୍ଡକାପ ଅଞ୍ଚଳର ଏକ ପରିବାର ତେଲକୋଇ ମଣ୍ଡେଇ ସାହି ଗ୍ରାମକୁ ଏକା ଦଶାହ କାର୍ଯ୍ୟରେ ଯୋଗ ଦେବାକୁ ଆସୁଥିବା ବେଳେ କାଞ୍ଜିପାଣି ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତିନି ଜଣ ଗୁରୁତରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିଲେ। ଖବର ପାଇ କାଞ୍ଜିପାଣି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ରିଟର୍ଣ୍ଣିଂ ଅଫିସର ଓ ନୋଡାଲ ଅଧିକାରୀଙ୍କ ସହ ବୈଠକ

**କେନ୍ଦୁଝର,୧୪।୫(ସମିସ):** ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଆଶିଷ ମୋଦି, ମିନହାଜ ଆଲାମ ଓ ପୁଲିସ ପର୍ଯ୍ୟବେକ୍ଷକ ରୁପିନ୍ଦର ସିଂହ ଜିଲ୍ଲାରେ ନିର୍ବାଚନ ପରିଚାଳନା ନିମନ୍ତେ ନିଯୁକ୍ତ ବିଭିନ୍ନ ନୋଡାଲ ଅଫିସରଙ୍କ ମାନଙ୍କ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟକାରୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଆଇଏଏସ ପ୍ରୋବେସନର ସୁଶ୍ରୀ ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଓ ଜିଲ୍ଲା ନିର୍ବାଚନ



ପରିଚାଳନା ନିମନ୍ତେ ନିଯୁକ୍ତ ପ୍ରମୁଖ ନୋଡ଼ାଲ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହି ବୈଠକରେ ପୁଲିସ ଏବଂ ଅନ୍ୟାନ୍ୟ ଏଜେନ୍ସିର ନୋଡାଲ ଅଧିକାରୀ ଯୋଗ ଦେଇ ନିର୍ବାଚନ ସମୟରେ ଆବଶ୍ୟକୀୟ ପୁଲିସ ଫୋର୍ସ ମୁତୟନ, ସମ୍ବେଦନଶୀଳ ବୁଥରେ ଶାନ୍ତିଶୃଙ୍ଖଳା ବଜାୟ, ନିର୍ବାଚନ ସମ୍ବନ୍ଧିତ ବିଭିନ୍ନ ପରିଚାଳନା ନିମନ୍ତେ ବିଭିନ୍ନ ପ୍ରକୋଷ୍ଠର କାର୍ଯ୍ୟକାରିତା ଓ ସଠିକ ନିୟନ୍ତ୍ରଣ ନିମନ୍ତେ ସମସ୍ତ ପଦକ୍ଷେପ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ନିର୍ବାଚନ ସମ୍ପର୍କିତ କୌଣସି ପ୍ରକାରର ଉଲ୍ଲଘଂନ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅଧିକାରୀମାନେ ଘଟଣା ଘଟିବାର ସଙ୍ଗେ ସଙ୍ଗେ ରିପୋର୍ଟ କରି ତାର ସମାଧାନ ପାଇଁ ବ୍ୟବସ୍ଥା କରିବା ଏବଂ ପ୍ରୋଟୋକଲ୍ ଉପରେ ମଧ୍ୟ ଆଲୋଚନା କରିଥିଲେ। ଏନ୍‌ଫୋର୍ସମେଣ୍ଟ ଏଜେନ୍ସିର ନୋଡାଲ ଅଧିକାରୀମାନେ ସେମାନଙ୍କର ପରିଚାଳନାଗତ ଯୋଜନା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ ଏବଂ ବେଆଇନ ଉପାୟରେ ନିର୍ବାଚନ ପ୍ରକ୍ରିୟାକୁ ଖରାପ କରିବାର କୌଣସି ପ୍ରୟାସ ବିରୋଧରେ କଡା ସତର୍କତା ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଅବାଧ ଓ ସ୍ୱଚ୍ଛ ନିର୍ବାଚନରେ ଯେପରି କୌଣସି ବାଧକ ନ ଆସିବ ସେଥିପାଇଁ ସମସ୍ତ ନୋଡ଼ାଲ ଅଧିକାରୀ ମିଳିତ ଭାବେ କାମ କରିବାକୁ ପର୍ଯ୍ୟବେକ୍ଷକମାନେ ଆହ୍ୱାନ ଦେଇଥିଲେ।

# ରାସ୍ତା ମଝିରେ ଆଣ୍ଠୁଏ ପାଣି

**ଆନନ୍ଦପୁର,୧୪।୫(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ବାଉଁଶଗଡ ପଞ୍ଚାୟତ ବାଉଁଶଗଡ଼ ଠାରୁ ଜଙ୍ଘାର ଯିବା ରାସ୍ତାରେ ଏଭଳି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ପ୍ରତି ବର୍ଷ ଟିକିଏ ବର୍ଷା ହେଲେ ଜଙ୍ଘାର ଗ୍ରାମର ବର୍ଷା ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ହୋଇନଥିବାରୁ ତିନି ଗୋଟି ଗ୍ରାମର ଲୋକମାନେ ନାହିଁନଥିବା ଅସୁବିଧାରେ



ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ପ୍ରଶାସନ ନିକଟରେ ଗ୍ରାମବାସୀମାନେ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ସୁଫଳ ମିଳିପାରି ନାହିଁ। ପ୍ରତିଦିନ ଶହ ଶହ ଲୋକ ଏବଂ ସ୍କୁଲ୍, କଲେଜ ଛାତ୍ରଛାତ୍ରୀ ସେହି ରାସ୍ତା ଦେଇ ଯିବା ଆସିବା କରିବାରେ ବାଧକ ସୃଷ୍ଟି ହେଉଛି। ଆଗାମୀ ସଧାରଣ ନିର୍ବାଚନକୁ ଆଖିଆଗରେ ରଖି ଏହାର ତୁରନ୍ତ ସୁବ୍ୟବସ୍ଥା ନ କରାଗଲେ ବାଉଁଶଗଡ଼ ଏବଂ ଜଙ୍ଘାର ଗ୍ରାମର ଲୋକମାନେ ଏହାର କଡ଼ା ଜବାବ ଦେବାକୁ ଚେତାବନୀ ଦେଇଛନ୍ତି।

## ପୋଖରୀରେ ବୁଡ଼ି ୨ ବୃଦ୍ଧ ମୃତ

**ତୁରୁମୁଙ୍ଗା,୧୪।୫(ସମିସ):** ଭିନ୍ନ ଭିନ୍ନ ଘଟଣାରେ ପୋଖରୀରେ ବୁଡ଼ିଯିବାରୁ ୨ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲା ବାରିଆ ଥାନା ଆଙ୍କୁଡ଼ି ଗ୍ରାମରେ ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଅକ୍ଷୟ କୁମାର ନାୟକ (୭୫)। ସୂଚନା ଅନୁସାରେ ଅକ୍ଷୟ ମଙ୍ଗଳବାର ମଧ୍ୟାହ୍ନରେ ଘର ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିବା ସମୟରେ ଅସାବଧାନତା ଯୋଗୁଁ ଗୋଡ଼ ଖସି ଯିବାରୁ ବୁଡି ଯାଇଥିଲେ। ଏନେଇ ଗ୍ରାମବସୀ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଏନେଇ ବାରିଆ ଥାନାରେ ୬/୨୪ ରେ ଏକ ମାମଲା ରୁଜୁ ହୋଇଛି ଏଏସ୍ଆଇ ବ୍ୟାସଦେବ ମିର୍ଦ୍ଧା ଘଟଣାର ତଦନ୍ତ କରୁଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଗୋଡ଼ିପୋଖରୀର ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ନାୟକଙ୍କ ପୋଖରୀରେ ବୁଡି ମୃତ୍ୟୁ ହୋଇଛି। ଶ୍ରୀ ନାୟକ ସୋମବାର ସନ୍ଧ୍ୟା ଗାଁ ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲ୍ଲା ହସ୍ପିଟାଲ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ସେ ଅଞ୍ଚଳରେ ଜଣେ ଜଣାଶୁଣା ଶିକ୍ଷକ ଭାବେ ପରିଚିତ ଥିଲେ। ଡଲଙ୍ଗ ହଳଧରପୁର କମାରଗୋଡା, ରେଙ୍ଗାଲବେଡା ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ମଙ୍ଗଳବାର ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ୧୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଜୋନ୍ ୩୭ ନଂ.ରେ ଜମିଲା ବିଜେଡି ପ୍ରଚାର

**ହାଟଡ଼ିହୀ/ସୋସୋ,୧୪।୫(ସମିସ):**



ଆନନ୍ଦପୁର ନିର୍ବାଚନୀ କ୍ଷେତ୍ର ତଥା ୩୭ନଂ ଜୋନରେ ମଙ୍ଗଳବାର ବିଜେଡି ପକ୍ଷରୁ ବାଇକ ଶୋଭାଯାତ୍ରା ସହ ଜୋନ ଭ୍ରମଣ କରାଯାଇଥିଲା। ବାଇକ ଶୋଭାଯାତ୍ରା କାର୍ଯ୍ୟକ୍ରମଟି କଳିଗାଁ ଠାରୁ ଆରମ୍ଭ ହୋଇଥିଲା ବେଳେ କର୍ମୀମାନେ ଶାଳଣିଆଁ, ବଅଁର, ଗେଡ଼ମା, ଆଇତିପୁର, ରାଘବପୁର, ଜଳସରପୁର, ହାବଳେଶ୍ୱର, ଡିମିରିଆ, ଜମ୍ବରା, ଜାବିନପୁର, ସମଣା, ନସିରପୁର ସହ ସବଙ୍ଗ ଆଦି ଗାଁମାନଙ୍କରେ ପହଞ୍ଚି ଲୋକଙ୍କୁ ଭେଟିଥିଲେ। ପରେ ସମସ୍ତ କର୍ମୀ ସବଙ୍ଗ କଲେଜ ପଡ଼ିଆରେ ଏକତ୍ରିତ ହୋଇଥିଲେ। ବିଧାୟକ ପ୍ରାର୍ଥୀ ଅଭିମନ୍ୟୁଙ୍କ ସହ ଶତାଧିକ ବିଜେଡି ସମର୍ଥକ ବାଇକ୍ ଓ ୪ଚକିଆ ଯାନରେ ବୁଲି ନବୀନ ପଟ୍ଟନାୟକଙ୍କ ବହୁମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଶୋଭାଯାତ୍ରାରେ ପୂର୍ବତନ ବିଜେଡ଼ି ଜିଲ୍ଲା ସଭାପତି ତଥା ୩୭ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳଙ୍କ ସହ ରଙ୍ଗାଧର ମଲ୍ଲିକ, ମାର୍କଣ୍ଡ ଓଝା, ଚିନ୍ମୟ ନାୟକ, ଶିବାନନ୍ଦ ନାୟକ, ବୀରେନ୍ଦ୍ର ବିଶ୍ୱାଳ, ବାବୁଲା କାଣ୍ଡି, ଶରତ ଦେଓ, ରଞ୍ଜନ କୁମାର ପହି, ଅନ୍ତର୍ଯ୍ୟାମୀ ଖଣ୍ଡେଇ, ରମାକାନ୍ତ ନାୟକ, ଟୁଲୁ ସେନାପତି ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି ପ୍ରେମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## କଂଗ୍ରେସ ପକ୍ଷରୁ ବାଇକ୍ ଶୋଭାଯାତ୍ରା



**ହାଟଡ଼ିହୀ/ସୋସୋ,୧୪।୫(ସମିସ):** ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ମନୋଜ ଜେନାଙ୍କ ନେତୃତ୍ୱରେ ଆଜି ଶାଳଣିଆଁ ବଜାର ଠାରୁ ଏକ ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇ ଆନନ୍ଦପୁର ନିର୍ବାଚନ କ୍ଷେତ୍ର ୩୭ନଂ ଜୋନର ଡଅଁର, ହାବଳେଶ୍ୱର, କଳିଗାଁ, ଗଡେମା, ସମାଣା ଆଦି ବିଭିନ୍ନ ପଞ୍ଚାୟତର ବିଭିନ୍ନ ଗାଁ ପରିକ୍ରମା କରିଥିଲେ। ଦୀର୍ଘ ୨୦ବର୍ଷ କାଳ ଶାସନରେ ନଥିବା କଂଗ୍ରେସ ସରକାର ଏବେ କଂଗ୍ରେସର ଗ୍ୟାରେଣ୍ଟି କାଡର୍ ଦର୍ଶାଇବା ସହ ବିଭିନ୍ନ ପ୍ରତିଶ୍ରୁତିକୁ ପାଥେୟ କରି ଭୋଟରଙ୍କୁ ଭେଟି ୨ ଭୋଟ ଭିକ୍ଷା କରୁଥିବା ଦେଖାଯାଇଛି। ଏହି ଶୋଭାଯାତ୍ରାରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଜୟଦେବ ଜେନାଙ୍କ ସହ ବରିଷ୍ଠ ନେତା ତଥା ଶିଳ୍ପପତି ଅଲେଖ ମଲ୍ଲିକ, ନିକୁଞ୍ଜ ଓଝା, ଚିତ୍ତରଞ୍ଜନ ପାତ୍ର, ମାନସ ଜେନା, ଅକ୍ଷୟ ମହାପାତ୍ର, ସତ୍ୟବ୍ରତ ଜେନା, ଅମ୍ଳାନ ଜେନା, ଦେବାଶିଷ ଜେନା, ଅଜୟ ପାତ୍ର, ସୌମ୍ୟରଞ୍ଜନ ପହି, ଶ୍ରୀଧର ସେଠୀ ପ୍ରମୁଖଙ୍କ ସହିତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ବିଜେପି ମହିଳା ମୋର୍ଚ୍ଚାର ପ୍ରଚାର



**ତେଲକୋଇ,୧୪।୫(ସମିସ):** ତେଲକୋଇ ବ୍ଲକ ମହିଳା ମୋର୍ଚ୍ଚା ପକ୍ଷରୁ ବିଭିନ୍ନ ସ୍ଥାନରେ ଘରକୁ ଘର ଯାଇ ନିର୍ବାଚନ ପ୍ରଚାର ଜୋରଦାର କରାଯାଇଛି। ତେଲକୋଇ ବ୍ଲକ ବିଞ୍ଝବାହଳ ପଞ୍ଚାୟତରେ ବିଜେପି ମହିଳା ମୋର୍ଚ୍ଚାର ନେତ୍ରୀ ଦମୟନ୍ତୀ ମହାନ୍ତ, ଲିଲି ମହାକୁଡ଼, ବ୍ଲକ ବିଜେପି ସାଧାରଣ ସମ୍ପାଦକ ବଟକୃଷ୍ଣ ମୁଖୀ ପ୍ରମୁଖ ଘରକୁ ଘର ଯାଇ ଲୋକସଭା ପ୍ରାର୍ଥୀ ଅନନ୍ତ ନାୟକ ଓ ବିଧାୟକ ପ୍ରାର୍ଥୀ ଡ. ଫକୀର ମୋହନ ନାଏକଙ୍କ ପାଇଁ ଭୋଟ ନିବେଦନ କରିଥିଲେ।

## ୨୧ରେ ଚମ୍ପୁଆ ଆସିବେ ପାଣ୍ଡିଆନ



**ଚମ୍ପୁଆ,୧୪।୫(ସମିସ):** ଆସନ୍ତା ୨୧ତାରିଖରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି।

ଚମ୍ପୁଆ ନେହୁରୁ ଷ୍ଟାଡିୟମ୍ ପଡ଼ିଆ ଠାରେ ୨୧ତାରିଖ ସକାଳ ୯ଟା ସମୟରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀ ସନାତନ ମହାକୁଡଙ୍କ ସପକ୍ଷରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ପାଣ୍ଡିଆନ୍‌ଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଚମ୍ପୁଆ ଏନ୍ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କୁ ଦାୟିତ୍ୱ ଦିଆ ଯାଇଥିବା ବେଳେ ଏହି ଗସ୍ତର କାର୍ଯ୍ୟକ୍ରମଙ୍କୁ ନେଇ ଦଳୀୟ ନେତା ଓ କର୍ମୀମାନେ ଉତ୍ସାହିତ ଥିବା ଦେଖିବାକୁ ମିଳିଛି।

## ତୁରୁମୁଙ୍ଗାରେ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ

**ତୁରୁମୁଙ୍ଗା,୧୪।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥ କଡ଼ରେ ଥିବା ତୁରୁମୁଙ୍ଗା ପରିବା ବଜାର ନିକଟର ସୋମବାର କଂଗ୍ରେସ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ପୂଜକ ବାପି ମିଶ୍ରଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବରେ କଂଗ୍ରେସର ପାଟଣା ବିଧାନସଭା ପ୍ରାର୍ଥୀ ହୃଷିକେଶ ନାଏକ ଯୋଗଦେଇ ପୂଜା କାର୍ଯ୍ୟ ତୁଲାଇ ଫିତା କାଟି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଈଶ୍ୱର ଚନ୍ଦ୍ର ଦେହୁରୀ, ପୂର୍ଣ୍ଣଚନ୍ଦ୍ର ନାଏକ, ଦାମୋଦର ନାଏକ, ବ୍ରଜ ନାଏକ, ବାବିଲାଲ ସାହୁ, ଅଗସ୍ତି ପୃଷ୍ଟି, ରାଜୁ ନାଏକଙ୍କ ସମେତ ପାଟଣା ନିର୍ବାଚନ ମଣ୍ଡଳୀର କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।




## ମହିଳା ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



**ସୋସୋ,୧୪।୫ (ସମିସ):** ହାଟଡିହୀ ବ୍ଲକ ସମଣା ପଞ୍ଚାୟତ ବରଙ୍ଗା ଛକରେ ମହିଳାଙ୍କ ପାଇଁ ଏକ ବିଜେଡି କାର୍ଯ୍ୟାଳୟ ଖୋଲାଯାଇଛି। ଏହି ସମୟରେ ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିବାବେଳେ ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ଦଳିୟ କର୍ମକର୍ତ୍ତା ଉଦ୍‌ଘାଟନ କରିଥିଲେ।

## ପରିବା ବଗିଚାରୁ ଉଦ୍ଧାର ହରିଣର ମୃତ୍ୟୁ

**ତୁରୁମୁଙ୍ଗା,୧୪।୫(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡା ସେକ୍ସନ ବେଲସରେଇ ଗ୍ରାମର ସୁଶୀଲ ମହାନ୍ତଙ୍କ ପରିବା ବଗିଚାରୁ ମଙ୍ଗଳବାର ସକାଳେ ଏକ ଆହତ ହରିଣକୁ ବନ ବିଭାଗ ଉଦ୍ଧାର କରି ଚିକିତ୍ସା କରୁଥିବା ସମୟରେ ହରିଣଟିର ମୃତ୍ୟୁ ହୋଇଛି। ହରିଣଟି ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ଚାଲି ଆସିଥିବା ବେଳେ ବୁଲା କୁକୁର ଆକ୍ରମଣ କରିଥିଲେ। କୁକୁର ଆକ୍ରମଣରେ ହରିଣଟି ଆହତ ହୋଇଥିଲା ବନ ବିଭାଗ ଆହତ ହରିଣକୁ ବଡ଼ବିଲ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରୁଥିବା ସମୟରେ ମୃତ୍ୟୁ ଘଟିଛି। ମୃତ ହରିଣକୁ ବ୍ୟବଚ୍ଛେଦ କରାଯାଇ ସାହାରପଡା ସେକ୍ସନ କାର୍ଯ୍ୟାଳୟରେ ପୋତି ଦିଆଯାଇଥିବା ବନପାଳ ଭୂପତି ସେଠୀ ସୂଚନା ଦେଇଛନ୍ତି।



## ପରିବାବାଲା ଗାଡ଼ିରୁ ୧ ଲକ୍ଷ ଟଙ୍କା ଜବତ

**ସୋସୋ,୧୪।୫(ସମିସ):** ନିର୍ବାଚନକୁ ଦୃଷ୍ଟିରେ ରଖି ସୋସୋ ପୁଲିସ ଓ ଫ୍ଲାଇଂ ସ୍କ୍ୱାର୍ଡ ଅଧିକାରୀ ଭଦ୍ରକ-କେନ୍ଦୁଝର ସୀମାନ୍ତ କାନପୁର ଠାରେ ଗାଡି ଯାଞ୍ଚ କରୁଥିବା ବେଳେ ଏକ ପରିବା ଗାଡିକୁ ତଦନ୍ତ କରିବା ସମୟରେ ଡ୍ରାଇଭରଙ୍କ ଠାରୁ ୧ଲକ୍ଷ ଟଙ୍କା ଜବତ କରିଛନ୍ତି। ସୋସୋ ଥାନା ଅଧିକାରିଙ୍କୁ ପଚାରିବାରୁ ଡ୍ରାଇଭର ପରିବା ବିକି ଆଗରପଡାରୁ ଫେରି ସୋସୋ ଅଞ୍ଚଳ ଦେଇ କୁପାରୀକୁ ଯାଉଥିଲେ। କାନପୁର ଠାରେ ଗାଡି ଯାଞ୍ଚ ବେଳେ ୧ଲକ୍ଷ ଟଙ୍କା ଜବତ କରାଯାଇଛି ବୋଲି କହିଥିଲେ। ଉକ୍ତ ଟଙ୍କା ପରିବା ବିକ୍ରି ଟଙ୍କା ବୋଲି ଅନୁମାନ କରାଯାଉଛି।

## ରାସପାର୍ଟି କଳାକାରଙ୍କ ପରଲୋକ

**ଆନନ୍ଦପୁର,୧୪।୫(ସମିସ):** କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ନାଟମଞ୍ଚ କଳାକାର ତଥା ଆନନ୍ଦପୁର ନୃସିଂହ ନାରାୟଣ ରାସପାର୍ଟିର ପ୍ରତିଭା ସମ୍ପନ୍ନ କଳାକାର ବେଣୁଧର ବେହେରା (୮୮) ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟଜନୀତ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ଆଜି ଦିନ ୧୦ ଘଟିକା ସମୟରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ମୃତ୍ୟୁ ବେଳକୁ ପାଖରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରେ ତାଙ୍କ ପାର୍ଥୀବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ବୈତରଣୀ ନଦୀରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ଶ୍ରୀନୃସିଂହନାରାୟଣ ରାସ ପାର୍ଟି କମିଟି ପକ୍ଷରୁ ଉପଦେଷ୍ଟା ନାରାୟଣ ଶା, ସଭାପତି ରମାକାନ୍ତ ନାୟକ, ଉପସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ମଦନ ପାଣି, ନୃତ୍ୟ ଓ ସଂଗୀତ କଳାକାର ମନୋରଞ୍ଜନ ମହାପାତ୍ର, ମଦନ ମୋହନ କୁଣ୍ଡୁ, ସତ୍ୟବ୍ରତ ରାମ, ପଦ୍ମନାଭ ପାତ୍ର, ଶୁଭାଶିଷ ପାଢୀ, ପ୍ରତାପ ରାମ୍, ରବିନ୍ଦ୍ର ବାରିକ, ଦେବେନ୍ ଦାଶ, ଗୌରାଙ୍ଗ ଚରଣ ବେହେରା, ଅସିତ କୁମାର ନାୟକ ପ୍ରମୁଖ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।



## ଫ୍ଲାଇଂ ସ୍କ୍ୱାଡ୍‌ର ମାରାଥନ ଚଢ଼ଉ | ମହୁଲିମଦ ଜବତ; ପୋଚ ନଷ୍ଟ

**ହାଟଡିହୀ/ସୋସୋ,୧୪।୫(ସମିସ):** ଆନନ୍ଦପୁର ଉପଖଣ୍ଡର ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ମଙ୍ଗଳବାର ପୂର୍ବାହ୍ନରେ ସୋସୋ ଥାନା ଅନ୍ତର୍ଗତ ବଙ୍ଗାତୁଆ, ସଙ୍ଗମ ଓ ସୁନ୍ଦରପାଳ ଆଦି ଅଞ୍ଚଳରେ ସୋସୋ ଓ ନନ୍ଦିପଦା ପୁଲିସ ସହ ହାଟଡିହୀ ଅବକାରୀ ଥାନାର ଅଧିକାରୀ ସ୍ମିତା ବେହେରା ଓ ଅବକାରୀ ଷ୍ଟାଫଙ୍କ ମିଳିତ ସହଯୋଗରେ ଫ୍ଲାଇଂ ସ୍କ୍ୱାର୍ଡ ପକ୍ଷରୁ ଉକ୍ତ ସ୍ଥାନ ମାନଙ୍କରେ ମାରାଥନ ଚଢ଼ଉ କରାଯାଇ ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ବେଆଇନ ମହୁଲପୋଚ ନଷ୍ଟ କରିବା ସହିତ ସେଠାରୁ ୩୫୦ଲିଟର ବେଆଇନ ମହୁଲିମଦ ଜବତ ହୋଇଛି। ଘଟଣାସ୍ଥଳରୁ ମହୁଲି ପ୍ରସ୍ତୁତରେ ବ୍ୟବହାରିକ ସାମଗ୍ରୀ ଜବତ ହୋଇଥିବା ବେଳେ ଏନେଇ ସୋସୋ ଥାନାରେ ପୃଥକ ଭାବେ ୩ ଗୋଟି ମାମଲା ରୁଜୁ କରାଯାଇଛି।



## ବିଦ୍ୟୁତ ସରବରାହ ଯୋଗୁ ଜଳଯୋଗାଣ ବାଧାପ୍ରାପ୍ତ | ହୀନସ୍ତା ହେଉଛନ୍ତି ବଳଦୁଆଁ- ବାଲିପଶି ଗ୍ରାମବାସୀ

**ଆନନ୍ଦପୁର,୧୪।୫(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣୀ ପନଚାୟତର ବଳଦୁଆଁ ଓ ବାଲିପଶି ଗ୍ରାମରେ ଜଳ ସଂକଟ ଏବେ ଉତ୍କଟ ରୂପ ଧାରଣ କରିଛି। ଏହି ଅଂଚଳକୁ ପାଇପ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ବାଲିପଶି ଗ୍ରାମରେ ଥିବା ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ଏହି ଓଭରହେଡ୍ ଟ୍ୟାଙ୍କରୁ ଏହି ଦୁଇ ଗ୍ରାମକୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଉଯାଏ। ସକାଳେ ଓ ସନ୍ଧ୍ୟାରେ ୧ ଘଣ୍ଟାଏ ଲେଖାଏଁ ଦିନକୁ ଦୁଇଥର ପାଣି ଯୋଗାଇ ଦିଆଯାଉଥିବା ବେଳେ ଆଜକୁ ତିନି ଦିନ ହେବ ଠିକ୍ ସମୟରେ ପାନୀୟ ଜଳ ଯୋଗାଣ ହୋଇପାରୁନଥିବାରୁ ଅଂଚଳବାସୀ ନାହିଁ ନଥିବା ହୀନସ୍ତା ଭୋଗ କରୁଛନ୍ତି। ପ୍ରତିଦିନ ଅପରାହ୍ନରେ ଝଡବର୍ଷା ଆଶଙ୍କା କରି ବିଦ୍ୟୁତ ସରବରାହ ଯୋଗୁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏହି ଦୁଇ ଗ୍ରାମରେ ଥିବା ନଳକୂପରୁ ଆଇରନ ଗୁଣ୍ଡ ମିଶ୍ରିତ ପାଣି ବାହାରୁ ଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଫଳରେ ଝଡ ତୋଫାନ ଓ ବର୍ଷା ହେଲେ ଗ୍ରାମବାସୀ ପାଣି ପାଇଁ ତହଳବିକଳ ହେଉଥିବା ଜଣାଯାଇଛି। ତେବେ ଦିନକୁ ଦୁଇଥର ପାନୀୟଜଳ ଯୋଗାଇ ଦିଆଯିବା ସମୟକୁ ପରିବର୍ତ୍ତନ କରି ପ୍ରତିଦିନ ୮ ଘଣ୍ଟା ଜଳଯୋଗାଣ କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।



# ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା

### ଡିଏଭି ଓଏମ୍‌ସି ପବ୍ଲିକ ସ୍କୁଲର ସଫଳତା





**ଯୋଡ଼ା,୧୪।୫(ସମିସ):** ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷାରେ ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଜିଲିଙ୍ଗସ୍ଥ ଡିଏଭି ଓଏମ୍‌ସି ପବ୍ଲିକ ସ୍କୁଲ୍ ଚଳିତ ବର୍ଷ ସର୍ବକାଳୀନ ସଫଳତା ଅର୍ଜନ କରିଛି। ଏହି ସ୍କୁଲର ଛାତ୍ର ସ୍ୱସ୍ତିକ ମହନ୍ତ ୯୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ସର୍ବକାଳୀନ ରେକର୍ଡ ସ୍ଥାପନ କରିଥିଲା ବେଳେ ପ୍ରଭୁକଲ୍ୟାଣ ସାହୁ ୯୫ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ପ୍ରକୃତି ସାମନ୍ତରାୟ ୯୩.୨ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିଲା ବେଳେ ମୋଟ୍ ୫ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅଙ୍କ ରଖିଛନ୍ତି। ଏହି କୃତିତ୍ୱରେ ବିଦ୍ୟାଳୟର ପରିଚାଳନା ସମିତିର ଅଧ୍ୟକ୍ଷା ତଲତ୍ ଆଫ୍ରିନ୍, ଡିଏଭି "ଜୋନ୍ ଇ' ଉପଆଞ୍ଚଳିକ ଅଧିକାରୀ ତଥା ବିଦ୍ୟାଳୟର ମ୍ୟାନେଜର ଇପ୍ସିତା ଦାସ ଓ ଓଏମ୍‌ସି ବଡ଼ବିଲ ଖଣି ମଣ୍ଡଳର ଆଞ୍ଚଳିକ ଅଧିକାରୀ ଅବନିକାନ୍ତ ପ୍ରଧାନ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟକ୍ଷ ସୌମେନ୍ଦ୍ର ନାୟକ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ବର୍ଷମାନଙ୍କରେ ଏହି ସଫଳତାର ଜୟଯାତ୍ରା ଅବ୍ୟାହତ ରଖିବାକୁ ଅନୁପ୍ରେରିତ କରିଛନ୍ତି।

### କେରଲା ଇଂରାଜୀ ମାଧ୍ୟମ ବିଦ୍ୟାଳୟ






**ଚମ୍ପୁଆ,୧୪।୫(ସମିସ):** ସିବିଏସ୍ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଥିବା ବେଳେ କେନ୍ଦୁଝର ଜିଲ୍ଲା ଚମ୍ପୁଆର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ କେରଲା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀ ସଫଳତା ହାସଲ କରି ବିଦ୍ୟାଳୟ ତଥା ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି। ଦଶମ ଶ୍ରେଣୀରେ ମୋଟ ୨୧୬ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ୨୦ ଜଣ, ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ୪୨ଜଣ ଏବଂ ୭୦ ପ୍ରତିଶତରୁ ଉପରେ ୫୪ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଛାତ୍ର ଆଦିତ୍ୟ ମହାନ୍ତ ୯୫ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ଶୋଇଥିବା ବେଳେ ସମୃଦ୍ଧି ଗିରି ୯୪.୨ ପ୍ରତିଶତ, ଦେବାନ୍ସୀ ମିଶ୍ର ୯୪ ପ୍ରତିଶତ ଏବଂ ଜୋହା ନୁର ୯୪ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ବିଜ୍ଞାନରେ ୮୪ ପ୍ରତିଶତ ପାସ୍‌ହାର ହୋଇଥିବା ବେଳେ ଛାତ୍ରୀ ଅନିଶା କାଶ୍ୟପ ୯୫ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ବିଜ୍ଞାନରେ ମୋଟ ୮୬ ଜଣ ପରୀକ୍ଷା ଦେଇଥିବା ବେଳେ ୯୦ ପ୍ରତିଶତ ଉପରେ ଜଣେ, ୮୦ ପ୍ରତିଶତ ଉପରେ ୯ ଜଣ ଏବଂ ୭୦ ପ୍ରତିଶତ ଉପରେ ୨୧ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ସେହିପରି ବାଣିଜ୍ୟରେ ମୋଟ ୨୯ ଜଣ ପରୀକ୍ଷା ଦେଇଥିବା ବେଳେ ୮୦ ପ୍ରତିଶତ ଉପରେ ଜଣେ, ୭୦ ପ୍ରତିଶତ ଉପରେ ୩ ଜଣ ଏବଂ ପାସ୍‌ହାର ୪୧ ପ୍ରତିଶତ ଥିବା ଜଣାପଡିଛି। ବିଦ୍ୟାଳୟର ଏହି ଅନନ୍ୟ ସଫଳତା ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ ଡ. ରାଜମୋହନ ପିଏସ୍, ସମ୍ପାଦିକା ଉମା ରାଜମୋହନ, ବିଦ୍ୟାଳୟ ପରିଚାଳକ କେଏସ୍ ମୁରଲୀଧରନ, କାର୍ଯ୍ୟାଳୟ ପ୍ରମୁଖ ଦୈତାରୀ ସାହୁ, ଅଧ୍ୟକ୍ଷ ବିକେ ଭାରତୀ, କଲେଜ ଅଧ୍ୟକ୍ଷ ଡ.ବି. ରାମାରାଜୁ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ଆଦର୍ଶ ବିଦ୍ୟାଳୟ, ସୁନ୍ଦରାପାଳ










**ସୋସୋ,୧୪।୫(ସମିସ):** ହାଟଡିହୀ ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ସୁନ୍ଦରାପାଳ ସିବିଏସ୍ଇ ଦଶମ ପରୀକ୍ଷାରେ ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରିଛନ୍ତି। ଚନ୍ଦନ କୁମାର ନାୟକ ୯୭ ପ୍ରତିଶତ ମାର୍କ ରଖି ଆଦର୍ଶ ବିଦ୍ୟାଳୟର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଛାତ୍ର ସୁସିଲ କୁମାର ଜେନା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ପ୍ରିୟାଂସି ଦାଶ ତୃତୀୟ ସ୍ଥାନ ଅଧିକାରୀ କରିଛନ୍ତି। ସେହିପରି ପ୍ରୀତିରଞ୍ଜନ ପାଢୀ ଚତୁର୍ଥ ସ୍ଥାନ ଅଧିକାର କରିଥିବା ପ୍ରୟାସ ଜେନା ୫ମ ସ୍ଥାନ ଅଧିକାର କରିଛନ୍ତି। ଉକ୍ତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଆଦର୍ଶ ବିଦ୍ୟାଳୟର ଟେକ ରଖିଛନ୍ତି। ଉକ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।




## ଲୁଟି ନେଲେ ସୁନା ଅଳଙ୍କାର ଓ ଟଙ୍କା

**ସୋସୋ,୧୪।୫(ସମିସ):** ହାଟଡିହୀ ବ୍ଲକ ସୋସୋ ଥାନା ଅନ୍ତର୍ଗତ ଅଁଳାଗଡ଼ିଆ ଗ୍ରାମର ରଘୁନାଥ ଆରୁପ୍‌ଙ୍କ ଘରୁ ଦୁର୍ବୃତ୍ତମାନେ ଝରକା ଭାଙ୍ଗି ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିବା ସୋସୋ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ଜଣାଯାଇଛି ପରିବାର ଲୋକ ସମସ୍ତେ ୧୩ ତାରିଖ ରାତିରେ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଦର୍ବୃତ୍ତମାନେ ଏହାର ମଉକା ନେଇ ଝରକା ଭାଙ୍ଗି ସୁନାଚେନ, ସୁନା ମୁଦି, ସୁନା କାନଫୁଲ, ରୁପା ପାଉଁଜି, ରୁପାବଳା, ରୁପା ଚେନ, ସୁନା ଲକେଟ୍, ମୋବାଇଲ୍, ନଗଦ ୫୦ ହଜାର ଟଙ୍କା ଆଦି ଚୋରି କରି ନିଆଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛି।

